## ସଂକ୍ଷେପରେ

### ଖୁଡଖୁଡି ଖେଳରେ ଚଢାଉ: ୫ ଅଟକ



**ଚନ୍ଦାହାଣ୍ଡି,୬।୮(ଡି.ଏନ.ଏ)**-ଚନ୍ଦାହାଣ୍ଡି ବ୍ଲକର ବିଭିନ୍ନ ସାପ୍ତାହିକ ହାଟରେ ଖୁଡଖୁଡି ଜୁଆ ଖେଳ ହେଉଥିବାରୁ ଅଶାନ୍ତି ବଢୁଛି। ସୋମବାର ଦେଓବନ୍ଧ ବଜାରରେ ଏହି ଖୁଡଖୁଡି ଖେଳ ଚାଲିଥିବା ନେଇ ଚନ୍ଦାହାଣ୍ଡି ଥାନା ଅଧିକାରୀ ଅଭୟ ବେହେରାଙ୍କୁ ଫଂଟିକି ପଞ୍ଚାୟତବାସୀ ଜଣାଇଥିଲେ । ଅଞ୍ଚଳବାସୀଙ୍କ ଠାରୁ ଅଭିଯୋଗ ପାଇବା ପରେ ଆଇଆଇସି ଅଭୟ ବେହେରା ଏକ ପୋଲିସ ଟିମ ସହ ବ୍ଲକର ବିଭିନ୍ନ ସ୍ଥାନ ବୁଲିଥିଲେ । ତେଲିମାଲ ଗ୍ରାମ ନିକଟସ୍ଥ ତେଲନଦୀ ନିକଟରେ ଖୁଡଖୁଡି ଖେଳ ଚାଲିଥିବା ଖବର ପାଇ ଚଢାଉ କରିଥିଲେ। ସେଠାରୁ ଦୈତାରୀ ଜଗତ , ପଦଲାମ ଜଗତ , ତହସିଲ ଜଗତ,ରାଜୁ ଜଗତ ଏବଂ ହରଲାଲ ଜଗତଙ୍କୁ ପୋଲିସ କାବୁ କରି ଚନ୍ଦାହାଣ୍ଡି ଥାନାରେ ଅଟକ ରଖିଛି । ଏଥିସହ ଅଭିଯୁକ୍ତଙ୍କ ନାମରେ ଚନ୍ଦାହାଣ୍ଡି ଥାନାରେ ନଂ.୮୧/୧୯ ପ୍ରକାରେ ଏକ ମାମଲା ରଜୁ କରି ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ୧୫ ଶିଶୁ ଶ୍ରମିକ ଉଦ୍ଧାର

**ନବରଙ୍ଗପୁର,୬।୮(ବି.ପ୍ର.)**-ନବରଙ୍ଗପୁର ସହରାଞ୍ଚଳର ବିଭିନ୍ନ ହୋଟେଲ ଓ ଦୋକାନରେ ପୋଲିସ ଚଢାଉ କରି ୧୫ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି । ପୋଲିସ ସେମାନଙ୍କ ଡାକ୍ତରୀ ପରୀକ୍ଷା କରି ଜିଲା ମଙ୍ଗଳ କମିଟିକୁ ହସ୍ତାନ୍ତର କରିଥିଲା। ପରେ ଶିଶୁ ଶ୍ରମିକଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା । ଆଧାର କାର୍ଡ ଓ ଆବଶ୍ୟକ ପରିଚୟ ପତ୍ର ପରିବାର ଲୋକ ଦାଖଲ କରିଥିଲେ । ପିଲାମାନଙ୍କୁ ପାଠ ପଢାଇବା ପାଇଁ ଅଭିଭାବକଙ୍କୁ ସଚେତନ କରାଯାଇଥିଲା। ଶିଶୁମାନଙ୍କ କାଉନସିଲିଂ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସିଡବ୍ଲ୍ୟୁସି ଅଧକ୍ଷ ଦିବାକର ବାହୁକ କହିଛନ୍ତି।

### ୧୮ ଦୋକାନରେ ଚଢାଉ

୪ ହଜାର ଜରିମାନା ଆଦାୟ

**ନବରଙ୍ଗପୁର,୬।୮(ବି.ପ୍ର.)**-ନବରଙ୍ଗପୁର ସହରର ବିଭିନ୍ନ ହୋଟେଲ, ପାନ ଦୋକାନରେ ମଙ୍ଗଳବାର ଚଢାଉ କରାଯାଇ ବିପୁଳ ପରିମାଣର ଗୁଟଖା, ପଲିଥିନ ଜବତ କରାଯାଇଛି। ହୋଟେଲ ଗୁଡିକରେ ବିକ୍ରି ହେଉଥିବା ଅନୁପଯୋଗୀ ଖାଦ୍ୟ ଗୁଡିକ ଜବତ କରାଯାଇଥିଲା। ଗୁଟଖା ଓ ଅନୁପଯୋଗୀ ଖାଦ୍ୟ ଗୁଡିକ ନଷ୍ଟ କରାଯାଇଥିଲା। ମୋଟ ୧୮ଟି ଦୋକାନ ଉପରେ ଚଢାଉ କରାଯାଇ ୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଚଢାଉରେ ଫୁଡ ସେଫଟି ଇନ୍ସପେକ୍ଟର ଡାକ୍ତର ଦେବବ୍ରତ ଡାକୁଆ, ଡ୍ରଗ୍ସ ଇନ୍ସପେକ୍ଟର ମାଲାୟା ପବାହିନୀ ସାହୁ, ପୋଲିସ ଏସଆଇ ଦେବଦତ୍ତ ମଲ୍ଲିକ, ନିଳୀମା ପାଣିଗ୍ରାହୀ, ଏସଆଇ ଅଶୋକ କୁମାର ଦେଓ, ଜି. କେ. ହାଲବା, ସମେତ ଅବକାରୀ ଇନ୍ସପେକ୍ଟର ଓ ପୌର ସଂସ୍ଥା କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

### ମଦ ଜବତ, ଯୁବକ ଅଟକ

**ଚନ୍ଦାହାଣ୍ଡି,୬।୮(ଡି.ଏନ.ଏ)** -ଚନ୍ଦାହାଣ୍ଡି ବ୍ଲକର ଫଂଟିକି ଗ୍ରାମର ତହସିଲ ଜଗତଙ୍କ ଘରେ ପୋଲିସ ଚଢାଉ କରି ମଦ ଜବତ କରିଛି। ୧୫ ଟି ବିୟର ବୋତଲ ଏବଂ ୨ ଟି ମଦ ବୋତଲ ପୋଲିସ ଜବତ କରିଛି। ତହସିଲଙ୍କୁ ଚନ୍ଦାହାଣ୍ଡି ଥାନାକୁ ପୋଲିସ ଆଣି ଅଟକ ରଖିବା ସହ ପଚରା ଉଚରା ଜାରି ରଖିଛି । ଥାନାରେ ନଂ.୮୨/୧୯ରେ ମାମଲା ରୁଜୁ ହୋଇଛି। ଏହି ଚଢାଉ ସମୟରେ ଏସଆଇ ସୁବାଷ ବେହେରାଙ୍କ ସମେତ ସମସ୍ତ ଥାନା କର୍ମଚାରୀ ଉପସ୍ଥିତ ଥିଲେ । ଚନ୍ଦାହାଣ୍ଡି ବ୍ଲକରେ ଦେଶୀ, ବିଦେଶୀ ମଦ ବିଭିନ୍ନ ଗାଁ ଓ ଛକମାନଙ୍କରେ ବିକ୍ରି ହେଉଥିବା କେତେ ଜଣ ବୁଦ୍ଧିଜୀବି ଚନ୍ଦାହାଣ୍ଡି ଥାନା ଅଧିକାରୀ ଅଭୟ ବେହେରାଙ୍କୁ ସୋମବାର ଅବଗତ କରାଇଥିଲେ। ଏହା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା।

■ କୃଷକଙ୍କ ଆର୍ଥିକ ଉନ୍ନତି ପାଇଁ ଲେମନ ଗ୍ରାସ ଚାଷ ଆରମ୍ଭ

# ଜିଲାପାଳଙ୍କ କ୍ଷେତ୍ର ପରିଦର୍ଶନ

**ନବରଙ୍ଗପୁର,୬।୮(ବି.ପ୍ର.)**

ନବରଙ୍ଗପୁର ଜିଲାରେ କୃଷି ବିଜ୍ଞାନ ଓ ପ୍ରଯୁକ୍ତି ମାଧମରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୨୫ ଏକର ଜମିରେ ଲେମନ ଗ୍ରାସ ଚାଷ କରାଯାଉଛି। ଏନେଇ ପ୍ରଥମ ପର୍ଯ୍ୟାୟରେ ୪ ଜଣ ଚାଷୀ ଏହି ଚାଷ ଆରମ୍ଭ କରିଛନ୍ତି। ଲକ୍ଷ୍ମୌ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ମାଗଣାରେ ୨ ଲକ୍ଷ ଚାରା ଯୋଗାଇ ଦିଆଯାଇଛି । ଏହି କାର୍ଯ୍ୟକ୍ରମକୁ ୩ ତାରିଖରେ ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର ଉଦଘାଟନ କରି ଚାଷୀଙ୍କୁ ଚାରା ବଣ୍ଟନ କରିଥିଲେ। ୪ ତାରିଖରେ ଡେଙ୍ଗାତୋଟାଗୁଡା କ୍ଷେତ୍ରକୁ ଯାଇ ଚାଷୀଙ୍କ ସହ ସାକ୍ଷାତ କରିବା ସହ କୃଷୀ ପ୍ରଣାଳି ପ୍ରତି ଦୃଷ୍ଟି ଦେଇଥିଲେ । ଲେମନ ଗ୍ରାସ ଚାରା କିଭଳି ଲଗାଯାଉଛି, କେତେ ବ୍ୟବଧାନରେ ଗଛ ଲାଗିବ ଓ ଏହାର ଯତ୍ନ ସମ୍ପର୍କରେ ପଚାରି ବଝୁଥିଲେ । ଜିଲାପାଳ ଚାଷୀଙ୍କ ସହ ଧାଡିରେ ଲେମନ ଗ୍ରାସ ଚାରା ଲଗାଇଥିଲେ। ଦିଗିସଲପା ଗାଁର ପରେଶ ବିଷୋୟୀ ୫ ଏକର, ଡେଙ୍ଗା ତୋଟାଗୁଡା ଗାଁର ସୁଧାଂଶୁ ପାଢୀ ୧୦ ଏକର, ପ୍ରଶାନ୍ତ ରଥ ୫ ଓ କୃଷ୍ଣ ଚନ୍ଦ୍ର ନାୟକ ୫ ଏକର ଜମିରେ ଜମିରେ ଏହି ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି । କୃଷି ପ୍ରତି ଜିଲାପାଳଙ୍କ ଆଗ୍ରହକୁ ନେଇ ଚାଷୀମାନେ ଆନନ୍ଦିତ ହୋଇଥିଲେ । କୃଷି ଯୋଜନା ଅଧିକାରୀ ଏମ. ଆନନ୍ଦ ରାଓ, ଲକ୍ଷ୍ମୌର କୃଷି ବୈଜ୍ଞାନିକ ବିନୟ କୁମାର ଯାଦବ ଉପସ୍ଥିତ ଥିଲେ ।



ଜିଲାପାଳ ଲେମନ ଗ୍ରାସ ଚାରା ଲଗାଉଛନ୍ତି।

■ ରାସ୍ତାରୁ ଗୁରୁତରଙ୍କୁ ଉଦ୍ଧାର କରି ଜିଲାପାଳ ଡାକ୍ତରଖାନା ନେବା ଘଟଣା

# ସୁସ୍ଥ ହୋଇ ଘରକୁ ଫେରିଲେ ଗୋବିନ୍ଦ

**ନବରଙ୍ଗପୁର,୬।୮(ବି.ପ୍ର.)**

ଦୁର୍ଘଟଣାରେ ରାସ୍ତା କଡରେ ରକ୍ତାକ୍ତ ଅବସ୍ଥାରେ ପଡିଥିବା ନବରଙ୍ଗପୁର ସଦର ବ୍ଲକର ଦେବରାଗୁଡା ଗ୍ରାମର ଗୋବିନ୍ଦ ମାଝିଙ୍କୁ ସୋମବାର ଜିଲାପାଳ ଅଜିତ କୁମାର ମିଶ୍ର ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୋବିନ୍ଦଙ୍କ ଚିକିତ୍ସା ସମୟରେ ଜିଲାପାଳ ଉପସ୍ଥିତ ରହିଥିଲେ। ଅଧିକ ଚିକିତ୍ସା ଆବଶ୍ୟକ ପଡିଲେ ବଡ ଡାକ୍ତରଖାନା ପଠାଇବା ପାଇଁ ବ୍ୟବସ୍ଥା କରିବାକୁ ଡାକ୍ତରଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଗୋବିନ୍ଦ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସିବା ପରେ ସନ୍ଧ୍ୟାରେ ତାଙ୍କୁ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସୁସ୍ଥ ହୋଇ ମଙ୍ଗଳବାର ନିଜ ଗ୍ରାମ ଦେବରାଗୁଡାକୁ ଗୋବିନ୍ଦ ଫେରିଛନ୍ତି। ସୂଚନାଯୋଗ୍ୟ ଯେ, ନବରଙ୍ଗପୁର ଜିଲା ସଦର ବ୍ଲକ ଅଧୀନ ସାନମସିଗାଁ ପଞ୍ଚାୟତ ସଦର ମହକୁମାଠାରେ ଜିଲାସ୍ତରୀୟ ଅଧିକାରୀଙ୍କୁ ନେଇ ସୋମବାର ଏକ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଜିଲାପାଳ ସାନମସିଗାଁ ଯାଉଥିଲେ। କୋଡିଙ୍ଗା - ସାନମସିଗାଁ ରାସ୍ତାର ଛକ ନିକଟରେ ଗୋବିନ୍ଦ ରକ୍ତାକ୍ତ ଅବସ୍ଥାରେ ପଡିଥିଲେ । କଥା କହି ପାରୁନଥିଲେ । ଜିଲାପାଳ ଏହା ଦେଖି ଡ୍ରାଇଭରଙ୍କୁ ତୁରନ୍ତ ଗାଡି ଅଟକାଇବାକୁ କହିଥିଲେ । ଷ୍ଟ୍ରେଚର ମଗାଇ ଏକ ଅଟୋରେ ତୁରନ୍ତ ସାନମସିଗାଁ ଡାକ୍ତରଖାନାକୁ ନେଇଥିଲେ ।

## ଧାରା ୩୭୦ ଉଚ୍ଛେଦ ସମର୍ଥନରେ ରାଲି

**ତେନ୍ତୁଲିଖୁଣ୍ଟି,୬।୮(ଡି.ଏନ.ଏ)**

ଧାରା ୩୭୦ ଉଚ୍ଛେଦ ହେବା ପରେ ଏହାକୁ ସମର୍ଥନ କରି ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରା ବାହାରିଥିଲା। ଏହି ରାଲି ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛକଠାରୁ ବାହାରି ଇନ୍ଦ୍ରାବତୀ କଲେଜ ଛକ ପର୍ଯ୍ୟନ୍ତ ଯାଇ ଜଗନ୍ନାଥ ମନ୍ଦିର ଛକ ନିକଟରେ ପହଞ୍ଚିଥିଲା । ତ୍ରିରଙ୍ଗା ଉଡାଇବା ସହ ବିଭିନ୍ନ ସ୍ଲୋଗାନ ଦେଇ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ବୋଲବମ ମହାସଂଘ, ଇନ୍ଦ୍ରାବତୀ କ୍ରୀଡା ଓ ସାଂସ୍କୃତିକ ପରିଷଦ, ଇନ୍ଦ୍ରାବତୀ ବଣିକ ସଂଘ, ବିଭିନ୍ନ ଯୁବ ସଙ୍ଗଠନ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର, ଇନ୍ଦ୍ରାବତୀ ପ୍ରକଳ୍ପର କର୍ମଚାରୀ ସାମିଲ ହୋଇଥିଲେ। ରାଲିରେ ସୁଧିରାଜ ରାଉତ, ରମଣୀ ରଞ୍ଜନ ତ୍ରିପାଠୀ, ମୃତ୍ୟୁଞ୍ଜୟ ପାତ୍ର, ଚନ୍ଦ୍ର ଶେଖର ଦଳେଇ, ସାଧୁସୂଦନ ବରାଳ, ସୁବାସ ପଟ୍ଟନାୟକ, ପ୍ରଦୀପ ସାହୁ ପ୍ରମୁଖ ସାମିଲ ଥିଲେ।

## ମୋବାଇଲ ଲୁଟେରାଙ୍କ ଦୌରାତ୍ମ୍ୟ

**ରୂପ୍‌ସା, ୬।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ ରୂପ୍‌ସା ସାପ୍ତାହିକ ହାଟ ଓ ରୂପ୍‌ସା-ଗଡ଼ପଦା ରାସ୍ତାରେ ମୋବାଇଲ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଗ୍ରାହକ, ବ୍ୟବସାୟୀଙ୍କ ସମେତ ସାଇକେଲ, ବାଇକ୍ ଆରୋହୀଙ୍କଠାରୁ ନିୟମିତ ମୋବାଇଲ ଲୁଟ୍ ହେଉଥିବା ଅଭିଯୋଗ ହୋଇଛି। ହାଟରେ ଲୁଟେରାମାନେ ସୁଯୋଗ ଦେଖି ୫ମାସ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଦାମୀ ମୋବାଇଲ ଲୁଟ୍ କରିଥିଲେ ହେଁ ଏଯାବତ୍ ଲୁଟେରାଙ୍କ ଟେର୍ ପାଇପାରିନି ପୋଲିସ। ଏବେ ରୂପ୍‌ସା ଗଡ଼ପଦା ରାସ୍ତାର ବାଖରାବାଦ ଛକଠାରେ ରାତିରେ ବାଇକ୍ ନେଇ ଲୁଟେରାମାନେ ଜଗି ରହୁଛନ୍ତି। ନିଛାଟିଆ ରାସ୍ତାରେ ଏକା ଯାଉଥିବା ବାଇକ୍ ଓ ସାଇକେଲ ଆରୋହୀଙ୍କଠାରୁ ଆଖି ପିଛୁଳାକେ ମୋବାଇଲ ଛଡ଼ାଇ ଚମ୍ପଟ ମାରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଥିପାଇଁ ଉକ୍ତ ରାସ୍ତାରେ ଯାତାୟାତ କରିବାରେ ବିପଦ ସୃଷ୍ଟି ହୋଇଛି। ପୋଲିସ କଡ଼ା ପାଟ୍ରୋଲିଂ ବ୍ୟବସ୍ଥା ସହ ଲୁଟେରାଙ୍କୁ କାବୁ କରିବା ଦିଗରେ ପ୍ରଶାସନିକ ପଦକ୍ଷେପ ପାଇଁ ଜନସାଧାରଣ ଦାବି କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲ ଲଗାଇବ ହାବୁହାବୁକା,**
**ଭାତ ଖାଇବ ଆଗ ;**
**ଚିତ୍ ହୋଇ ଶୋଇପଡ଼ିବ,**
**ମାରି ନେଉଥିବ ଜାଗା ।**

ବହୁ ଲୋକଙ୍କ ମେଳରେ ରହୁଥିବା ବ୍ୟକ୍ତି ଗାଧୋଇବା, ଖାଇବା ତଥା ଶୋଇବାରେ ଯଥାସମ୍ଭବ ଚଞ୍ଚଳତା ଦେଖାଇଛନ୍ତି। କାରଣ ଏପରି ନ ହେଲେ କାଳେ ପଛରେ ରହିଗଲେ ସୁବିଧା ସୁଯୋଗ ହାତଛଡ଼ା ହୋଇଯିବ ସେହି ଆଶଙ୍କାରେ ଆଗତୁରା ନିଜ ନିଜର କାର୍ଯ୍ୟ କରାଇ ନେବାକୁ ଉଚିତ ମଣିଥାନ୍ତି। ସୁବିଧାବାଦୀ ବ୍ୟକ୍ତିଙ୍କଠାରେ ଏପରି ପ୍ରବୃତ୍ତି ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ତଳେ ତଳେ ଯାଏ ତଳ ଗଡ଼ିଶା**
**ସର୍ପି ମରୁଥାଇ ସାଇପଡ଼ିଶା ।**

ଧୂର୍ତ୍ତ ପ୍ରକୃତିର ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଏପରି କଳକୌଶଳ ବା ଖଞ୍ଜରେ କାମ କରନ୍ତି ଯେ ତା'ର ଟେର୍ କେହି ବି ପାଇ ପାରି ନ ଥାନ୍ତି। ଅତ୍ୟନ୍ତ ହୁସିଆରରେ ବା ଲୁଚାଛପାରେ ନିଜର ଈପ୍‌ସିତ କାର୍ଯ୍ୟ ହାସଲ କରିନେବାରେ ସେମାନେ ସିଦ୍ଧହସ୍ତ ହୋଇଥାନ୍ତି। ଲୋକଲୋଚନରେ ଏପରି ବ୍ୟକ୍ତି ନିନ୍ଦିତ ହେବା ଥୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଗୌସିକ ଫିଟନେସ୍ ପାର୍କର ବାର୍ଷିକୋତ୍ସବ



ରୋମିଓ ପାତ୍ରଙ୍କୁ ମୁଖ୍ୟଅତିଥି ସମ୍ମାନିତ କରୁଛନ୍ତି ।

**ନବରଙ୍ଗପୁର,୬।୮(ବି.ପ୍ର.)**

ନବରଙ୍ଗପୁର ଗୌସିକ ଫିଟନେସ୍ ପାର୍କର ତୃତୀୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି । ଏହି ଅବସରରେ ପାୱାର ଲିଫ୍ଟିଂ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ସମସ୍ତ ବର୍ଗରେ ସନୁ ସିଂ ଚାମ୍ପିୟାନ ହୋଇଥିଲେ । ୫୦ରୁ ୬୦ କିଲୋ ଓଜନ ବର୍ଗରେ ବିଜୟ କୁମାର ପ୍ରଥମ, ତରୁଣ ରନ୍ଧାରୀ ଦ୍ୱିତୀୟ, ରିଣ୍ଟୁ ନାୟକ ତୃତୀୟ ସ୍ଥାନ ପାଇଥିଲେ । ସେହିଭଳି ୬୦ରୁ ୭୦ କିଲୋ ଓଜନ ବର୍ଗରେ ସଦ୍ଦାମ ରାଜା ପ୍ରଥମ, ରାଜା ଲିମା ଦ୍ୱିତୀୟ ଓ ସାୱନ ବେନିଆ ତୃତୀୟ ସ୍ଥାନ ପାଇଥିଲେ । ୭୦ରୁ ୮୦ କିଲୋ ଓଜନ ବର୍ଗରେ ସାନୁ ମହାପାତ୍ର ପ୍ରଥମ, ସୋନୁ ରାଓ ଦ୍ୱିତୀୟ ଓ ସୁବ୍ରତ ତାଲୁକଦାର ତୃତୀୟ ସ୍ଥାନ ପାଇଛନ୍ତି । ସେହିପରି ୮୦ରୁ ୯୦ କିଲୋ ଓଜନ ବର୍ଗରେ ସମୀର ପାତ୍ର ପ୍ରଥମ, ଶିବୁ ମାଝୀ ଦ୍ୱିତୀୟ ଓ ଲକ୍ଷ୍ମୀ ବିଷୋୟୀ ତୃତୀୟ ସ୍ଥାନ ପାଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯୋଗ ଦେଇ କୃତୀ ପ୍ରତଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ସଭାପତି ପ୍ରହଲ୍ଲାଦ ତ୍ରିପାଠୀ, ବସ ମାଲିକ ସଂଘର ସଭାପତି ପ୍ରକାଶ ତ୍ରିପାଠୀ, ଆଇନଜୀବୀ ଝାଡେଶ୍ୱର ଖାଡଙ୍ଗା, ତିପୋଷ ତ୍ରିପାଠୀ, ଏମ. ବାଲକ୍ରିଷ୍ଣା ରାଓ, ଜି. ବୈକୁଣ୍ଠ, ମୃତ୍ୟୁଞ୍ଜୟ ଦାଶ ଓ ହୃଷିକେଶ ମିଶ୍ର ଯୋଗ ଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ସୁନ୍ଦର ସ୍ୱାସ୍ଥ୍ୟ ଉପରେ କିଭଳି ସଚେତନ ରହି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବା ଏବଂ କୃତ କାର୍ଯ୍ୟ ହାସଲ କରିବା ସେନେଇ ଅତିଥିମାନେ ପରାମର୍ଶ ଦେଇଥିଲେ । ଏସମସ୍ତ କାର୍ଯ୍ୟକ୍ରମମକୁ ଗୌସିକ ଫିଟନେସ୍ ପାର୍କର ମୁଖ୍ୟ ତଥା ପ୍ରଶିକ୍ଷକ ରୋମିଓ ପାତ୍ର ପରିଚାଳନା କରିଥିଲେ । ରବିନ୍ଦ୍ର ସାମଲ, ଶିବାନନ୍ଦ ବିଷୋୟୀ, ଜିଲୁ ତ୍ରିପାଠୀ, ବାବୁଲା ସାହୁ ପ୍ରମୁଖ ସହଯୋଗ କରିଥିଲେ । ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଫିଟନେସ ପାର୍କର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

■ ନକ୍ ଆଉଟ ଫୁଟବଲ ଟୁର୍ନାମେଣ୍ଟ

# ଏନଏଫଏ ଟିମ୍ ବିଜୟୀ



ଖେଳାଳିଙ୍କ ଗହଣରେ ଅତିଥିମାନେ ।

**ନବରଙ୍ଗପୁର,୬।୮(ବି.ପ୍ର.)**

ନବରଙ୍ଗପୁର ପୋଲିସ ପଡିଆଠାରେ ନବରଙ୍ଗପୁର ପୋଲିସ ଏବଂ ଓମ ସ୍ପୋର୍ଟସ ପକ୍ଷରୁ ଆୟୋଜିତ ନକ ଆଉଟ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି । ଉଦଘାଟନୀ ମ୍ୟାଚରେ ନବରଙ୍ଗପୁର ପୋଲିସ ଟିମ ଓ ଏନଏଫଏ ଟିମ ମଧ୍ୟରେ ଖେଳ ହୋଇଥିଲା । ୪୦ ମିନିଟ ଖେଳ ମଧ୍ୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ କରିଥିଲେ । ପରେ ପେନାଲଟି ସୁଟ ଆଉଟ ହୋଇଥିଲା । ଏନଏଫଏ ଦଳ ପୋଲିସ ଦଳକୁ ୩ଟି ଗୋଲ ଦେଇଥିଲେ । ପୋଲିସ ଦଳ ଏନଏଫଏ ଦଳକୁ ୨ଟି ଗୋଲ ଦେଇଥିଲା ।ଉଦଘାଟନ ଉତ୍ସବରେ ନବରଙ୍ଗପୁର ଏସପି ନିତିନ କୁଶଲକର, ଜିଲା ହାବିଲଦାର ଓ କନଷ୍ଟେବଲ ସଂଘର ପୂର୍ବତନ ସଭାପତି ଗୌରୀ ଶଙ୍କର ମାଝୀ, ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ, ଏଏସଆଇ ଅଶୋକ କୁମାର ଦେଓ, ହାବିଲଦାର ଓ କନଷ୍ଟେବଲ ସଂଘର ସଭାପତି ନବୀନ ପୂଜାରୀ, ସହସମ୍ପାଦକ କେଶବ ଭତ୍ରା, ସର୍ଜେଣ୍ଟ ଶାନ୍ତନୁ କୁମାର ପ୍ରଧାନୀ, ଓମ ସ୍ପୋର୍ଟସର ଉମାକାନ୍ତ ରାଉଳ ଉପସ୍ଥିତ ଥିଲେ । ମ୍ୟାନ ଅଫ ଦି ମ୍ୟାଚ ଖେଳାଳି ପୁଷ୍ଟୁଙ୍କୁ ଗୌରୀ ଶଙ୍କର ମାଝୀ ଓ ଥାନା ଅଧିକାରୀ ତାରିକ ଅହମ୍ମଦ ପୁରସ୍କୃତ କରିଥିଲେ । ବି. ଯୋଗେଶ କୁମାର, ଫିରୋଜ ହିଆଲ, ଜେହ. ହୁଶେନ ଖେଳ ପରିଚାଳନା କରିଥିଲେ । ଲାଇନ ମ୍ୟାନ ଭାବେ ଉଦିତ କନ୍ଦପାନ, ବିଶ୍ୱଜିତ ବାନିକ, ରଂଜନ ଆଶ ପ୍ରମୁଖ ସହଯୋଗ କରିଥିଲେ । ଏହି ଟୁର୍ନାମେଣ୍ଟରେ ୧୦ଟି ଟିମ ଭାଗ ନେବେ । ୧୩ ତାରିଖରେ କ୍ୱାଟର ଫାଇନାଲ , ୧୪ରେ ସେମି ଫାଇନାଲ ଓ ୧୫ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।

# ଶ୍ରମିକଙ୍କୁ ପଲିଥିନ ବଣ୍ଟନ

**ଡାବୁଗାଁ,୬।୮(ଡି.ଏନ.ଏ.)**



ବିଧାୟକ ପଲିଥିନ ବାଣ୍ଟୁଛନ୍ତି ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ମହିଳା ଶ୍ରମିକମାନଙ୍କୁ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ପଲିଥିନ ବଣ୍ଟନ କରିଛନ୍ତି। ବ୍ଲକର ଡାବୁଗାଁ, ଚଚରାଗୁଡା, କୁମୁଟରିଆଗୁଡା, ପୋଖନାଗୁଡା, ବାଣ୍ଡୁଆଗୁଡା, ମେଦନା, ଅଞ୍ଚଳା, ବୁଟିଆଗୁଡା ଓ ବାଉଁଶବେଡା ଗ୍ରାମରେ ଧାନ ଜମିରେ ଧାନ ରୁଆ କାର୍ଯ୍ୟରେ ନିୟୋଜିତ ମହିଳା ଶ୍ରମିକଙ୍କୁ ବର୍ଷାରୁ ରକ୍ଷା ପାଇବା ପାଇଁ ପଲିଥିନ ପ୍ରଦାନ କରିଛନ୍ତି । ଏହି ପଲିଥିନ ବଣ୍ଟନ ସମୟରେ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଏମ୍. ଆପ୍ପା ରାଓ, ପାପଡାହାଣ୍ଡି ବ୍ଲକ ଉପାଧକ୍ଷ ତ୍ରିନାଥ ପ୍ରଧାନୀ, ଟି. ଜୁଗୁନୁ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ମୋଟ ୨୫୦୦ ଟି ପଲିଥିନ ବଣ୍ଟନ କରାଯାଇଛି ।

# ୧୯୯୪ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

**ଉମରକୋଟ,୬।୮(ଡି.ଏନ.ଏ)**

ସ୍ଥାନୀୟ ସଦାଶିବ ସୁକମାର ଉଚ୍ଚ ବିଦ୍ୟାଳୟର ୧୯୯୪ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ଦୀର୍ଘ ବର୍ଷ ଧରି ବନ୍ଧୁମାନେ କାର୍ଯ୍ୟବ୍ୟସ୍ତତା ଯୋଗୁ ଏକାଠି ହୋଇ ପାରି ନ ଥିଲେ। ବନ୍ଧୁମାନଙ୍କ ମଧ୍ୟରୁ ନାଗଭୂଷଣ ପଟ୍ଟନାୟକ ଲଣ୍ଡନରେ ରହୁଛନ୍ତି। ସେ ହଠାତ ଗ୍ରାମରେ ପହଞ୍ଚିବା ପରେ ବନ୍ଧୁମିଳନ ଆୟୋଜନ ହୋଇଥିଲା। ବହୁ ବର୍ଷ ପରେ ବନ୍ଧୁବର୍ଗ ଏକାଠି ହୋଇଥିବାରୁ ଖୁସି ମନାଇଥିଲେ। ସମସ୍ତେ ଏକାଠି ହୋଇ ପିଲାଦିନେ ପାଠ ପଢାର ସ୍ମୃତିକୁ ମନେ ପକାଇଥିଲେ। ପ୍ରତିବର୍ଷ ଏହା ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ।



ବନ୍ଧୁମିଳନ ଅବସରରେ ସାଥୀମାନେ ଖୁସି ମନାଉଛନ୍ତି ।

# ବନବିଭାଗ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

**ନବରଙ୍ଗପୁର,୬।୮(ବି.ପ୍ର.)**



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

୬୫ ତମ ବନ ସଂରକ୍ଷଣ ଦିବସ ଉପଲକ୍ଷେ ନୋଡାଲ ଆରସିଡି ହାଇସ୍କୁଲଠାରେ ବନ ବିଭାଗ ପକ୍ଷରୁ ଚିତ୍ରାଙ୍କନ ଏବଂ ଓପନ କୁଇଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଛି । କେନ୍ଦ୍ରୀୟ ବିଦ୍ୟାଳୟ, ୟୁନିକ ପବ୍ଲିକ ସ୍କୁଲ, ନୋଡାଲ ଆରସିଡି ହାଇସ୍କୁଲ, ଶିଶୁ ମନ୍ଦିର ଓ ଶିଶୁ ବିଦ୍ୟାମନ୍ଦିର, ନବରଙ୍ଗପୁର ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ଯୋଗ ଦେଇଥିଲେ । କନିଷ୍ଠ ଓ ବରିଷ୍ଠ ବର୍ଗରେ ବିଭକ୍ତ କରାଯାଇଥିଲା । କନିଷ୍ଠ ବର୍ଗରେ ୟୁନିକ ପବ୍ଲିକ ସ୍କୁଲର ୭ମ ଶ୍ରେଣୀ ଛାତ୍ର ରାଜ ଶେଖର ପ୍ରଥମ, କେନ୍ଦ୍ରିୟ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ର ଶୁଭାଶିଷ ଦାଶ, ଅକ୍ଷୀତା କଶ୍ୟପ ତୃତୀୟ ସ୍ଥାନ ପାଇଥିଲେ । ସେହିଭଳି ବରିଷ୍ଠ ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଅମିତା କଶ୍ୟପ ପ୍ରଥମ, ୟୁନିକ ପବ୍ଲିକ ସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଲିପ୍ସା କର ଦ୍ୱିତୀୟ, ଶିଶୁବିଦ୍ୟା ମନ୍ଦିରର ୯ମ ଶ୍ରେଣୀ ଛାତ୍ରୀ ସ୍ମାରକୀ ପ୍ରିୟ ଦର୍ଶନୀ ତୃତୀୟ ସ୍ଥାନ ପାଇଥିଲେ। କନିଷ୍ଠ ବର୍ଗଙ୍କ ପାଇଁ ବନ୍ୟପ୍ରାଣୀ ପ୍ରତି ସହନସୀଳତା ଓ ବରିଷ୍ଠ ବର୍ଗଙ୍କ ପାଇଁ ବନ୍ୟ ପ୍ରାଣୀ ଓ ଜଳବାୟୁ ପରିବର୍ତ୍ତନ ଶୀର୍ଷକ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ପରେ ଓପନ କୁଇଜରେ ପ୍ରଶ୍ନର ଉତ୍ତର ଦେବା ପରେ ତତକ୍ଷଣାତ ପୁରସ୍କାର ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ରେଞ୍ଜର ପୂର୍ଣ୍ଣ ଚନ୍ଦ୍ର ନନ୍ଦ ଯୋଗ ଦେଇ ପୁରସ୍କୃତ କରିଥିଲେ । ବିଚାରକ ଭାବେ ଶିକ୍ଷକ ସରୋଜ କୁମାର ତ୍ରିପାଠୀ ରହିଥିବା ବେଳେ ବନପାଳ ମନରଞ୍ଜନ ପଟ୍ଟନାୟକ, ବନରକ୍ଷୀ ରାଜେଶ ନାୟକ, ଲାଲୁ ବିଷୋୟୀ ଓ ମଙ୍ଗଳ ସିଂ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ଅଗଷ୍ଟ ୭ /୨୦୧୯ Rayagada, Wednesday, August 7/ 2019

# ରୋଗୀଙ୍କ ପାଇଁ ହେବ ସ୍ୱତନ୍ତ୍ର ପ୍ରତୀକ୍ଷା ଗୃହ

ଛତ୍ରପୁର,୬।୮(ଡି.ଏନ.ଏ.)

ପ୍ରତ୍ୟେକ ଡାକ୍ତରଖାନାରେ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରତୀକ୍ଷା ଗୃହ ନିର୍ମାଣ କରାଯିବ । ଗୃହ ସଂଲଗ୍ନ ଶୌଚାଳୟ ରହିବ । ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ହେବ। ଏଥିରେ ଆବଶ୍ୟକ ପଙ୍ଖା ଓ ଟେଲିଭିଜନ ବ୍ୟବସ୍ଥା କରାଯିବା ଗୃହଗୁଡିକୁ ଆକର୍ଷଣୀୟ ରଙ୍ଗ ଦିଆଯିବ । ସେହିପରି ରୋଗୀଙ୍କୁ ନେଇ ଆସୁଥିବା ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ ମଧ ବିଶ୍ରାମ ଗୃହ ହେବ । ସେଠାରେ ମଧ ସବୁ ସୁବିଧା ଉପଲବ୍ଧ ହେବ । ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ମଙ୍ଗଳବାର ଅନୁଷ୍ଠିତ ଜିଲା ସ୍ୱାସ୍ଥ୍ୟ ବିଭାଗ ସମୀକ୍ଷା



ସ୍ୱାସ୍ଥ୍ୟ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ ।

ବୈଠକରେ ଅଧକ୍ଷତା କରି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହା ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପରିଷ୍କାର, ପରିଚ୍ଛନ୍ନତା ଉପରେ ଜିଲାପାଳ ସର୍ବାଧିକ ଗୁରୁତ୍ୱାରୋପ କରିଛନ୍ତି। ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଜ୍ୟବସ୍ତୁ ପାଇଁ ଅଲଗା ଅଲଗା ଧାରକପାତ୍ର ରହିବ । ଲୋକମାନେ ଏଥିରେ

## ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ

ବର୍ଜ୍ୟବସ୍ତୁ ପକାଇବା ପାଇଁ ସଚେତନ କରାଯିବ । ଡାକ୍ତରଖାନା ପରିସରରେ ଥିବା ଖାଲି ସ୍ଥାନରେ ଫୁଲଗଛ ଲଗାଯିବ । ସ୍ୱାସ୍ଥ୍ୟ ବିଭାଗର ନିର୍ମାଣାଧୀନ ଗୃହ ନିରୂପିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି । ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରର ଅଟ୍ଟାଳିକା ଗୁଡିକରେ ବର୍ଷା ଜଳ ସଂରକ୍ଷଣ ବ୍ୟବସ୍ଥା ରହିବ । ବଡ ଅଟ୍ଟାଳିକାଗୁଡିକୁ ସେଣ୍ଟ୍ରାଲ ଏୟାର କଣ୍ଡିସନ କରାଯିବ । ଚିକିତ୍ସାଳୟର ବାହ୍ୟ ଦୃଶ୍ୟପଟରେ ସମାନ ରଙ୍ଗ ରହିବ । ଏଥିରେ ସହଯୋଗ କରିବା ପାଇଁ ଜିଲାରେ ଥିବା ଔଦ୍ୟଗିକ ସଂସ୍ଥାମାନେ ସେମାନଙ୍କର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ବିନିଯୋଗ କରିବେ । ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ସ୍ୱାସ୍ଥ୍ୟ ବିଭାଗ ପ୍ରଶାସନ ଦାୟିତ୍ୱରେ ଥିବା ଅନ୍ୟାନ୍ୟ ଅଧିକାରୀ ନିୟମିତ ବ୍ୟବଧାନରେ ଡାକ୍ତରଖାନା ଗୁଡିକୁ ପରିଦର୍ଶନ କରିବେ। ବ୍ରହ୍ମପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଔଷଧ ଗୋଦାମ ଘର ପ୍ରତିଷ୍ଠା କରିବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ହିଞ୍ଜିଳି ଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବର୍ଦ୍ଧିତ କରାଯାଇ ନିର୍ମାଣ କରାଯାଉଥିବା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ ।

# ମନ୍ଦିରରୁ ୩ ମୂର୍ତ୍ତି ଚୋରି

ଖଲ୍ଲିକୋଟ,୬।୮(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ବିକ୍ରମପୁର ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରରୁ ବହୁ ପୁରାତନ ମଦନ ମୋହନ ଓ ଲକ୍ଷ୍ମୀଙ୍କ ଅଷ୍ଟଧାତୁରେ ନିର୍ମିତ ଦୁଇଟି ମୂର୍ତ୍ତି ଏବଂ ସରସ୍ୱତୀଙ୍କ ଏକ ପିତଳ ମୂର୍ତ୍ତି ଚୋରି ହୋଇଛି। ସୋମବାର ଠାକୁରଙ୍କ ଦୈନିକ ଦେବନୀତି ପ୍ରକାରେ ଭୋଗ ହୋଇଥିଲା। ସନ୍ଧ୍ୟାରେ ପୂଜକ ଅଜୟ ପଣ୍ଡା ସନ୍ଧ୍ୟା ଆଳତୀ କରିବାକୁ ଆସି ଦେଖିଲା ବେଳକୁ ତିନିମୂର୍ତ୍ତି ନ ଥିଲେ। ଖବର ପାଇ ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାନ୍ତ ପାତ୍ର ସୋମବାର ରାତିରେ ଖଲ୍ଲିକୋଟ ଥାନାରେ ଏତଲା ଦେଇଥିଲେ। ମଙ୍ଗଳବାର ସ୍ଥାନୀୟ ପୋଲିସ ମନ୍ଦିର ପରିସରରେ ପହଞ୍ଚି ତଦନ୍ତ ଚଳାଇଛି। ମୂର୍ତ୍ତି ଚୋରି ଯୋଗୁ ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ଅଞ୍ଚଳର ବାଲନ୍ତର ଗ୍ରାମର ମହାଦେବ ମନ୍ଦିରରୁ ତିନି ମୂର୍ତ୍ତି ଚୋରି ହୋଇଥିଲା। କିଛିଦିନ ପରେ ପୋଲିସ ମୂର୍ତ୍ତି ଉଦ୍ଧାର କରିଥିଲା।

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ, ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୬।୮(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ଅଞ୍ଚଳରେ ମଙ୍ଗଳବାର ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ବୁରିପଦର ଗ୍ରାମର ସହଦେବ ନାଇକ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ମଧୁସ୍ମିତା ପ୍ରଧାନ କହିଛନ୍ତି। ଗତ ରବିବାର ସକାଳ ପ୍ରାୟ ୯ଟାରେ ମହିଳାଙ୍କ ଗୁହାଳରୁ ସହଦେବ ଜୋର ଜବରଦସ୍ତ ଛେଳି ନେଇ ଯାଉଥିଲେ। ମହିଳା ଜଣକ ପ୍ରତିବାଦ କରିବାରୁ ଅଭିଯୁକ୍ତ ଜଣକ ତାଙ୍କୁ ଟଣାଓଟରା କରିବା ସହ ମାଡ଼ ମାରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ନେଇ ସୋମବାର ମହିଳା ଜଣକ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତିରେ ଆଇଆଇସି ଗୌରାଙ୍ଗ ଚରଣ ସାହୁ ନଂ. ୧୪୨/୧୯ରେ ମାମଲା ରୁଜୁ କରି ସହଦେବଙ୍କୁ ଗିରଫ କରିଥିଲେ।

### ୯ ଶିଶୁ ଶ୍ରମିକ ଉଦ୍ଧାର

ଦିଗପହଣ୍ଡି,୬।୮(ଡି.ଏନ.ଏ.)-ଦିଗପହଣ୍ଡି ବସ୍‌ଷ୍ଟାଣ୍ଡ ଓ ପୁଞ୍ଜିକୟାଁ ଛକରେ ଥିବା ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକରେ ମଙ୍ଗଳବାର ବ୍ରହ୍ମପୁର ପୋଲିସର ସ୍ୱତନ୍ତ୍ର ଟିମ ଚଢ଼ାଉ କରି ଜଣେ ନାବାଳିକାଙ୍କ ସମେତ ୯ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ବ୍ରହ୍ମପୁର ମେରାଇନ ଥାନା ଇନ୍ସପେକ୍ଟର ବସନ୍ତ କୁମାର ସେଠୀ, ବ୍ରହ୍ମପୁର ସଦର ଥାନା ଏଏସ୍‌ଆଇ ବିନୀତ କୁମାର ଶତପଥୀ, ଦିଗପହଣ୍ଡି ଥାନା ଏଏସ୍‌ଆଇ ଦିଲୀପ କୁମାର ସାହୁ ସଦଳବଳ ଚଢ଼ାଉରେ ସାମିଲ ଥିଲେ। ଉଦ୍ଧାର ନାବାଳିକାଙ୍କୁ ତାଙ୍କ ମାତାପିତାଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ୮ ଜଣ ଶିଶୁ ଶ୍ରମିକଙ୍କୁ ବ୍ରହ୍ମପୁରସ୍ଥିତ ଶିଶୁ ସମାଜ ମଙ୍ଗଳ ସମିତି (ସିଡବ୍ଲୁସି) କର୍ତ୍ତୃପକ୍ଷଙ୍କ ନିକଟରେ ହାଜର କରାଯାଇଛି । ଛୋଟ ଶିଶୁଙ୍କୁ ଉତ୍ତମ ଶିକ୍ଷା ନିରାପଦ ଜୀବନ ଯାପନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଜୁଲାଇ ୩୦ରୁ ଅଗଷ୍ଟ ୧୩ ତାରିଖ ଯାଏଁ ଅପରେସନ ପରୀ-୩ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଶିଶୁ ଶ୍ରମିକମାନେ ପାଠ ପଢୁଛନ୍ତି ନା ପୁଣି ପରିବାର ଲୋକେ ସେମାନଙ୍କୁ ବିଭିନ୍ନ କାମରେ ନିୟୋଜିତ କରୁଛନ୍ତି ସେ ନେଇ ଶ୍ରମ ବିଭାଗ, ଶିଶୁ ସୁରକ୍ଷା ୟୁନିଟ, ସମାଜ ମଙ୍ଗଳ ବିଭାଗ, ଶିଶୁ କଲ୍ୟାଣ ଓ ଚାଇଲଡ୍ ଲାଇନ କର୍ତ୍ତୃପକ୍ଷ ପରସ୍ପର ମଧରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ବ୍ରହ୍ମପୁର ଏସପି ପିନାକୀ ମିଶ୍ର ପରାମର୍ଶ ଦେଇଛନ୍ତି । ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ବ୍ରହ୍ମପୁର ପୋଲିସ ଜିଲା ଅଧୀନ ବିଭିନ୍ନ ଥାନାଞ୍ଚଳରୁ ୧୦୬ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି ।

### ବ୍ୟାଙ୍କରେ ପୋଲିସ ପକ୍ଷରୁ ମକଡ୍ରିଲ୍

ହିଞ୍ଜିଳିକାଟୁ, ୬।୮(ଡ଼ି.ଏନ୍.ଏ.)- ହିଞ୍ଜିଳିକାଟୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରେ ମଙ୍ଗଳବାର ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। କେତେଜଣ ପୋଲିସ କର୍ମଚାରୀ ମୁହଁରେ କଳା କପଡ଼ା ବାନ୍ଧି ମାରଣାସ୍ତ୍ର ଧରି କଲେଜ ରୋଡ଼ ଏସ୍‌ବିଆଇ ଶାଖାରେ ପହଁଞ୍ଚିଥିଲେ। ଉପସ୍ଥିତ ଗ୍ରାହକ ଓ ବ୍ୟାଙ୍କ କର୍ମଚାରୀଙ୍କୁ ଭୟ ଦେଖାଇବା ସହ ଡ଼କାୟତି ଉଦ୍ୟମ କରିଥିଲେ। ଗ୍ରାହକମାନେ ଭୟରେ ଏଣେତେଣେ ଧାଇଁଥିଲେ। ଏହି ସମୟରେ ବ୍ୟାଙ୍କର ସାଇରନ ବାଜିବା ସହ ପୋଲିସ କର୍ମଚାରୀ ବ୍ୟାଙ୍କ ଭିତରେ ପହଞ୍ଚି ଡକାୟତଙ୍କୁ କାବୁ କରିଥିଲେ।




# ମତ୍ସ୍ୟଚାଷ ମହିଳାଙ୍କୁ କରିବ ରୋଜଗାରକ୍ଷମ

## ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିମ ପ୍ରଦାନ

ଭଦ୍ରକ ଅଫିସ, ୬।୮

ଭଦ୍ରକ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଏହାର ସମ୍ମିଳନୀ କକ୍ଷରେ ମତ୍ସ୍ୟଚାଷର ବିକାଶ ନିମନ୍ତେ ବ୍ଲକସ୍ତରୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅଧିକ ରୋଜଗାରକ୍ଷମ କରିବା ସକାଶେ ମଙ୍ଗଳବାର ତାଲିମ ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଜିଲା ମତ୍ସ୍ୟ ଅଧିକାରୀ ସନ୍ତୋଷ କୁମାର ଦଳାଇ, ମିଶନ ଶକ୍ତି ପ୍ରକଳ୍ପ ଅଧିକାରୀ ସୀତାଂଶୁ ଶେଖର ସାହୁ, ସହକାରୀ ମତ୍ସ୍ୟ ଅଧିକାରୀ ରଞ୍ଜନ କୁମାର ଗିରି, ଶୁଭସ୍ମିତା ଘଡେଇ, ହୃଦରାଜ ହେମ୍ବ୍ରମ୍, ସନ୍ତୋଷିତା ପ୍ରଧାନ, ଡ. ରତ୍ନମଞ୍ଜରୀ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ମହିଳାମାନେ ପଞ୍ଚାୟତ ପୋଖରୀରେ ବୈଜ୍ଞାନିକ ପ୍ରଣାଳୀରେ ମତ୍ସ୍ୟଚାଷ କରି କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ନେଇ ଅବଗତ କରାଯାଇଥିଲା। ମତ୍ସ୍ୟଚାଷର ଉନ୍ନତ ପରିଚାଳନା ପଦ୍ଧତି, ଯାଆଁଳ ଛାଡିବାର ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ପ୍ରସ୍ତୁତି, ଭାକୁର, ରୋହି, ମିରିକାଳି ଏବଂ ମହୁରାଳି ମାଛ ଚାଷ ସମ୍ପର୍କରେ ମତ୍ସ୍ୟ ଅଧିକାରୀମାନେ ଉପସ୍ଥିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିମ୍ ଦେଇଥିଲେ। ଶିବିରରେ ଭଦ୍ରକ, ବାସୁଦେବପୁର ଏବଂ ବନ୍ତ ବ୍ଲକ୍‌ର ୩୦ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ, ସମ୍ପାଦିକା ଏବଂ ପ୍ରାଣୀ ମିତ୍ର ଯୋଗଦାନ କରିଥିଲେ।

# ଅଭିଯୁକ୍ତଙ୍କୁ କାବୁ କଲା ପୋଲିସ

ହିଞ୍ଜିଳିକାଟୁ, ୬।୮(ଡି.ଏନ୍.ଏ)

ଜାମିନରେ ମୁକୁଳିଥିବା ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ହିଞ୍ଜିଳିକାଟୁ ପୋଲିସ କୋର୍ଟ ସମ୍ମୁଖରୁ ଉଠାଇ ନେଇଛି। ସେ ହେଲେ ଚମାଖଣ୍ଡି ଥାନା ମାଟିଖାଲ ଅଞ୍ଚଳର ଚକା ନୟନ ପରିଡ଼ା ଓରଫ ଚକା। ପ୍ରକାଶ ଯେ, ୨୦୦୬ରେ ସ୍ଥାନୀୟ ଥାନାରେ ଚକାଙ୍କ ନାଁରେ ୨ ମାମଲା ରହିଛି। ଉକ୍ତ ମାମଲାରେ ଗିରଫ ପାଇଁ ପୋଲିସ ପକ୍ଷରୁ ଏନବିଡ଼ବ୍ଲୁ ଜାରି ହୋଇଥିଲା। ହାଇକୋର୍ଟରୁ ଜାମିନ ଆଣି ମଙ୍ଗଳବାର ହିଞ୍ଜିଳିକାଟୁ କୋର୍ଟରେ ଚକା ତାଙ୍କ ଓକିଲ ଲୋକନାଥ ସାହୁଙ୍କ ଜରିଆରେ ଆତ୍ମ ସମର୍ପଣ କରିଥିଲେ। କୋର୍ଟରେ ଅର୍ଡ଼ର ପରେ ଚକା ମୁକୁଳିଥିଲେ। ତେବେ ଗଂଜାମ ଜିଲା ପୋଲିସର ୱାଂଟେଡ଼ ତାଲିକାରେ ଥିବା ଚକାଙ୍କୁ ଅନ୍ୟ କେଉଁ ମାମଲାରେ ପୋଲିସ କାବୁ କରିଛି ତାହା ସ୍ପଷ୍ଟ କରିନାହିଁ।

■୨୧ରେ କ.ନୂଆଗାଁ ବ୍ଲକ ଅଧକ୍ଷ ନିର୍ବାଚନ

# ସରପଞ୍ଚ, ୱାର୍ଡ ସଭ୍ୟ ଉପନିର୍ବାଚନ ଲାଗି ପ୍ରସ୍ତୁତି ଆରମ୍ଭ

ଫୁଲବାଣୀ ଅଫିସ, ୬।୮

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅଧକ୍ଷ ବିଧାୟକ ଭାବେ ନିର୍ବାଚିତ ହେବାପରେ ଏହି ପଦବୀ ଖାଲି ପଡିଛି। ବ୍ଲକ ଅଧକ୍ଷ ପଦ ପାଇଁ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏବେ ନୋଟିସ ଜାରି କରାଯାଇଛି। ଆଗାମୀ ୨୧ରେ ନିର୍ବାଚନ ହେବାକୁ ତାରିଖ ଘୋଷଣା ହୋଇଛି। ୮ ତାରିଖରୁ ପଞ୍ଚାୟତ ସମିତିର ପ୍ରତ୍ୟେକ ସଭ୍ୟ ଓ ସଭ୍ୟାଙ୍କୁ ନୋଟିସ କରାଯିବ ବୋଲି ଜିଲା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ବ୍ଲକ ଅଧକ୍ଷ ଚକ୍ରମଣି କହଁର ବିଧାୟକ ହେବା ପରେ ଉକ୍ତ ପଦରୁ ଇସ୍ତଫା ଦେଇଥିଲେ। ସେହିପରି ଜିଲାରେ ଖାଲି ପଡ଼ିଥିବା ଫିରିଙ୍ଗିଆ ବ୍ଲକର ପକାରୀ ସରପଞ୍ଚ, କ୍ରାଣ୍ଡିବାଲି ସମିତି ସଭ୍ୟ, କ.ନୂଆଗାଁ ସାଇନପଡ଼ା ସମିତି ସଭ୍ୟ ପଦ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସେହିପରି ଜି.ଉଦୟଗିରିର ୧ନଂ. ୱାର୍ଡ (କାଟିଙ୍ଗିଆ ପଞ୍ଚାୟତ) ଓ ୧୦ ନଂ. ୱାର୍ଡ (ଲିଙ୍ଗାଗଡ଼), ରାଇକିଆର ୪ନଂ ୱାର୍ଡ(ବେରେଡ଼ିକିଆ) ଓ ୭ନଂ ୱାର୍ଡ(ଗୁମାମାହା), କୋଟଗଡ଼ ବ୍ଲକର ୩ନଂ ୱାର୍ଡ(ଓରା), ଫିରିଙ୍ଗିଆ ବ୍ଲକର ୧୧ନଂ ୱାର୍ଡ(ସୁମେରୁବନ୍ଧ)ର ୱାର୍ଡ ସଦସ୍ୟ ନିର୍ବାଚନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ସେପ୍ଟେମ୍ବର ୭ ସୁଦ୍ଧା ଭୋଟର ଲିଷ୍ଟ ପ୍ରସ୍ତୁତ କରି ନିର୍ବାଚନ ଅଧିକାରୀଙ୍କ ନିକଟରେ ଦେବାକୁ ସମୟ ଧାର୍ଯ୍ୟ କରାଯାଇଛି। ଭୋଟର ଲିଷ୍ଟ ପହଞ୍ଚିବା ପରେ ନିର୍ବାଚନ କମିଶନଙ୍କ ପକ୍ଷରୁ ତାରିଖ ଘୋଷଣା କରାଯିବ।

# ବିଧାୟିକା ଅନୁଧ୍ୟାନ କଲେ ଟିପିସର ନାଳ


ବିଧାୟିକାଙ୍କ ସହ ଅନ୍ୟମାନେ।

ଆସିକା,୬।୮(ଡି.ଏନ୍.ଏ)

ଆସିକା ସହରର ଉପରମୁଣ୍ଡ ପ୍ରାୟ ୧୦ କିଲୋମିଟର ପରିମିତ ଅଞ୍ଚଳରୁ ସହର ମଧକୁ ପ୍ରବେଶ କରୁଥିବା ନଦୀ ନାଳର ଜଳ ସହର ମଧରେ ଯାଇଥିବା ଟିପିସର ନାଳ ଦେଇ ପୁଡୁଗେଶ୍ୱରପଲ୍ଲୀ ନିକଟ ଋଷିକୂଲ୍ୟା ଓ ବଡନଦୀର ସଙ୍ଗମସ୍ଥଳରେ ପ୍ରବେଶ କରିଥାଏ। ବିଭିନ୍ନ ସମୟରେ ସହରର ଜଳନିଷ୍କାସନ ଠିକ ଭାବେ ହୋଇପାରୁନଥିବାରୁ ଆସିକା ସହରରେ ବନ୍ୟା ପରିସ୍ଥିତି ଦେଖା ଦେଉଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିବାରୁ ସରକାରଙ୍କ ପକ୍ଷରୁ ଏହାର ସମାଧାନ ନେଇ ପଦକ୍ଷେପ ନିଆଯାଇଛି। ମଙ୍ଗଳବାର ସ୍ଥାନୀୟ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ସହ ରାଜ୍ୟ ଡ୍ରେନେଜ ଓ ଜଳ ସମ୍ପଦ ବିଭାଗ ପକ୍ଷରୁ ଋଷିକୂଲ୍ୟା, ବଂଶଧାରା, ନାଗାବଳି ବେସିନର ମୁଖ୍ୟଯନ୍ତ୍ରୀ ଜ୍ୟୋତିର୍ମୟ ରଥଙ୍କ ନେତୃତ୍ୱରେ ଏକ ବୈଷୟିକ ପ୍ରତିନିଧି ଦଳ ଟିପିସର ନାଳର ଜଳ ନିଷ୍କାସନ ପରିସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଟିପିସର ନାଳକୁ ଆସୁଥିବା ଜଳ ଉପରମୁଣ୍ଡ ମଙ୍ଗଳପୁର ନିକଟସ୍ଥ ସୁକନଈରେ ଆସି ସହରରେ ପ୍ରବେଶ କରିଥାଏ। ତେଣୁ ମଙ୍ଗଳପୁରସ୍ଥିତ ସୁକନଈ, ଦେବଭୂମି ହଜ, ଟିପିସର ନାଳ ଏବଂ ପୁଡୁଗେଶ୍ୱରପଲ୍ଲୀ ନିକଟସ୍ଥ ଋଷିକୂଲ୍ୟା ଓ ବଡନଦୀର ସଙ୍ଗମସ୍ଥଳରେ ଟିପିସର ନାଳର ଜଳନିଷ୍କାସନ ପଥ ବୁଲି ପରିସ୍ଥିତି ଅନୁଧ୍ୟାନ କରଥିଲେ। ଏଥି ଲାଗି ଏକ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରିବା ପରେ ଟିପିସର ନାଳକୁ ନେଇ ଉପୁଜୁଥିବା ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଆଶା କରାଯାଉଛି।

# ଅଚେତ ଅବସ୍ଥାରେ ଅପହୃତା ଛାତ୍ରୀ ଉଦ୍ଧାର

ଭଦ୍ରକ ଅଫିସ/ ବନ୍ତ, ୬।୮(ସ୍ୱ.ପ୍ର.)

ଭଦ୍ରକ ଜିଲା ଆଗରପଡା ଥାନା ଅଞ୍ଚଳରୁ ୟୁନିଫର୍ମ ପିନ୍ଧି ସ୍କୁଲ ଯାଉଥିବା ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ମଙ୍ଗଳବାର ଅପହରଣ କରି ନିଆଯିବାର ୫ ଘଣ୍ଟା ପରେ ତାଙ୍କୁ ସାଳନ୍ଦୀ ନଦୀକୂଳ ଏକ ଆମ୍ବତୋଟାରୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଛାତ୍ରୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଗରପଡା ଡାକ୍ତରଖାନାରେ ଚିକିତ୍ସା କରାଯାଇ ଭଦ୍ରକ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏକ ଦୁଇଜଣିଆ ଡାକ୍ତରୀ ଟିମ୍ ଚିକିତ୍ସା କରୁଛନ୍ତି। ଚେତା ଫେରିଥିଲେ ବି ସେ ଭଲଭାବେ କଥାବାର୍ତ୍ତା କରିପାରୁ ନାହାନ୍ତି। ଆଗରପଡା ଡାକ୍ତରଖାନାରେ ଚିକିତ୍ସିତ ହେବା ସମୟରେ ପୋଲିସ ଉପସ୍ଥିତିରେ ତାଙ୍କ ବୟାନ ରେକର୍ଡ କରାଯାଇଥିବା କୁହାଯାଉଛି। ଏହି ଛାତ୍ରୀଜଣଙ୍କୁ ସେହି ଅଞ୍ଚଳର କେତେଜଣ ଯୁବକ ପୂର୍ବରୁ ହଇରାଣ କରି ଆସୁଥିଲେ। ସପ୍ତାହକ ପୂର୍ବରୁ ପଞ୍ଚାୟତରେ ଭଦ୍ରଲୋକଙ୍କ ଉପସ୍ଥିତିରେ ଏହାର ସମାଧାନ କରାଯାଇଥିଲା। ଏଭଳି ଘଟଣାକୁ ନେଇ ଜଣେ ଯୁବକ ଓ ଅନ୍ୟ ଜଣେ ନାବାଳିକା ଏଭଳି ଅପହରଣ କାଣ୍ଡ ଘଟାଇଥିବା ଛାତ୍ରୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଆଗରପଡା ପୋଲିସ ଏକ ମାମଲା (ନଂ ୧୦୧/୧୯)ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ ଛାତ୍ରୀଜଣଙ୍କ ପୂର୍ବାହ୍ନ ୯ଟା ବେଳେ ସ୍କୁଲ ଯିବା ଲାଗି ସାଇକେଲ ଯୋଗେ ଘରୁ ବାହାରିଥିଲେ। ପ୍ରାୟ ୫ କି.ମି. ଦୂର ସ୍କୁଲକୁ ଯାଉଥିବା ବେଳେ ଅପହରଣକାରୀଙ୍କ ସହ ହାତ ମିଳାଇଥିବା ଜଣେ ନାବାଳିକା ବାଟରେ ଛକି ରହିଥିଲେ। ସେ ଏହି ଛାତ୍ରୀଙ୍କ ସାଇକେଲକୁ ରାସ୍ତାକଡରେ ରଖି 'ଆସ ଭଦ୍ରକ ଯିବା' କହି ସେଠାରୁ ବାଧକରି ଭଦ୍ରକ ଅଭିମୁଖେ ଆସୁଥିବା ଏକ ବସ୍‌ରେ ବସାଇଥିଲେ। ବସ୍‌ଟି ଭଦ୍ରକ-ଆଗରପଡା ରାସ୍ତାରେ ଆସି କାଦବରାଙ୍ଗ ଛକ ନିକଟରେ ପହଞ୍ଚିବା ବେଳେ ପୂର୍ବରୁ ଏକ ବାଇକ ଧରି ଜଗି ରହିଥିବା ଜଣେ ଯୁବକ ଏହି ଦୁଇଜଣଙ୍କୁ ସାଥିରେ ନେଇ ୧୨ କି.ମି. ଦୂର ଟିକିରା ଆଡକୁ ଚାଲିଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଅପହରଣକାରୀ ଯୁବକ ସେହି ଛାତ୍ରୀଙ୍କ ପରିବାର ଲୋକଙ୍କୁ ଫୋନ କରି 'ତୁମ ଝିଅକୁ ଅପହରଣ କରି ନିଆଯାଇଛି' ବୋଲି ଜଣାଇଥିଲେ। ପୁନଶ୍ଚ ଅପରାହ୍ନ ୪ଟାରେ ସେ ପରିବାର ଲୋକଙ୍କୁ ଫୋନ୍ କରି 'ତୁମ ଝିଅଙ୍କୁ ବିକ୍ରି କରାଯିବ ନଚେତ ମାରି ଦିଆଯିବ' ବୋଲି ଧମକ ଦେଇଥିଲେ। ପରିବାର ଲୋକେ ପ୍ରଥମ ଫୋନ୍ କଲ୍ ପାଇ ଭୟଭୀତ ହୋଇ ସଙ୍ଗେସଙ୍ଗେ ଆଗରପଡା ଥାନାର ସହାୟତା ନେଇଥିଲେ। ଅପରାହ୍ନ ୪ଟା ବେଳେ ସେହି ନମ୍ବରରୁ ଆଉ ଏକ କଲ୍ ପାଇ ତାଙ୍କ ଝିଅ ଟିକିରା ନିକଟସ୍ଥ ସାଳନ୍ଦୀ ନଦୀକୂଳରେ ପଡିଥିବା ଜାଣି ସେଠାକୁ ଯାଇଥିଲେ। ସେମାନେ ଜିଲା ଆଇନ ସେବା ପ୍ରାଧିକରଣ ପାରାଲିଗାଲ ସ୍ୱେଚ୍ଛାସେବୀ ସୁନାରାଣୀ ପଣ୍ଡାଙ୍କ ସହାୟତା ନେଇ ଟିକିରା ନିକଟସ୍ଥ ସାଳନ୍ଦୀ ନଦୀକୂଳ ଆମ୍ବତୋଟାରୁ ତାଙ୍କ ଝିଅକୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ପିତା ଯଦି ଚରିତ୍ରବାନ ହୋଇଥାନ୍ତି, ସେ ନିଜର ସନ୍ତାନ ପାଇଁ କିଛି ଧନ ସଞ୍ଚି ନ ପାରିଲେ ମଧ ସନ୍ତାନ ଗୋଟିଏ ଅମୂଲ୍ୟ ଐତିହ୍ୟର ଉତ୍ତରାଧିକାରୀ ହୋଇଯାଏ।
-ମାକ୍‌ଲିଓଡ୍



**ସଂକ୍ଷେପରେ**

## ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି



ବୈପାରୀଗୁଡ଼ା,୬।୮(ଡି.ଏନ୍.ଏ.): ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ସରୋଜିନୀ କାଣ୍ଡିକି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଜନୀକାନ୍ତ ଦାସ, ବ୍ଲକ ଉପାଧକ୍ଷ ତ୍ରିଲୋଚନ ଜେନା, ଅଗ୍ନିଶମ ଅଧିକାରୀ ଏସ୍.କେ. ସିଂ ଓ ଥାନା ଅଧିକାରୀ ରମେଶ ଦେବତା ଯୋଗ ଦେଇଥିଲେ। ପଞ୍ଚାୟତ ସ୍ତରୀୟ ସ୍ୱାଧୀନତା ଦିବସ ଶୃଙ୍ଖଳିତ ଭାବେ କରିବା ପାଇଁ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ଦିଆଯାଇଥିଲା। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଲଗାଣ ବର୍ଷା କାରଣରୁ ଖେଳ ପଡିଆରେ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତା ବାତିଲ କରାଯାଇଥିଲା।

# ବାହାହେବାକୁ କହି ପ୍ରତାରିତ କରିଛନ୍ତି ଯବାନ

## ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷାକଲେ ମହିଳା

କୋରାପୁଟ,୬।୮(ସ୍ୱ.ପ୍ର.)

**ଖବରଦାତା ସମ୍ମିଳନୀ**
- ଥାନାରେ ମାମଲା ହୋଇଥିବା କହିଲେ ପୀଡ଼ିତା
- ଜାନୁୟାରୀରୁ ଫେରାର ରହିଛନ୍ତି ଅଭିଯୁକ୍ତ
- ଆଇଆର୍‌ବି ଦୁର୍ଗପତି, ଏସ୍‌ପିଙ୍କୁ ଅବଗତ କଲେ

ବିବାହ କରିବେ ବୋଲି ୮ ବର୍ଷ ହେଲା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ଏବେ ପ୍ରତାରଣା। ଆଇଆର୍‌ବି ଯବାନଙ୍କ ନାଁରେ ଜଣେ ବିଧବା ମହିଳା ଏଭଳି ଅଭିଯୋଗ ଆଣିବା ସହ ନ୍ୟାୟ ପାଇଁ କୋରାପୁଟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଦ୍ୱାରସ୍ଥ ହୋଇଛନ୍ତି। କୋରାପୁଟ ପ୍ରେସ କ୍ଲବରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗକାରିଣୀ କୃତାଞ୍ଜଳି ବେବର୍ତା ନିଜର ଅଭିଯୋଗ ବଖାଣିଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୦୭ରେ ସ୍ୱାମୀଙ୍କ ପରଲୋକ ପରେ ରାୟଗଡ଼ା ଜିଲାର ପୁଟାସିଂ ଥାନା ଭୀମପୁର ଗ୍ରାମର କୃତାଞ୍ଜଳି ବେବର୍ତା ଦୁଇଟି ପିଲାଙ୍କୁ ନେଇ ରହୁଥିଲେ। ୨୦୧୦ରେ ଗ୍ରାମର ଆଶିଷ ପାଥିକା ତାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ ମଧ କୃତାଞ୍ଜଳି ତାହାକୁ ଗ୍ରହଣ କରି ନଥିଲେ। ପରିବାର ପ୍ରତିପୋଷଣ ପାଇଁ ସେ ୨୦୧୨ରେ ଏକ ଖ୍ରୀଷ୍ଟିଆନ ଅନୁଷ୍ଠାନରେ ସିଲାଇକାମ ପାଇଁ କେରଳ ଯାଇଥିଲେ। ସେବେଠାରୁ ଆଶିଷ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ସମସ୍ତ ପ୍ରକାର ସମ୍ପର୍କ ରଖିଆସୁଥିଲେ। ୨୦୧୩ରେ ଆଶିଷ କୋରାପୁଟ ଆଇଆରବି ବାଟାଲିୟନରେ ଯବାନ ଭାବେ ଚାକିରି ପାଇଥିଲେ। ୨୦୧୭ରୁ ଉଭୟ ସ୍ୱାମୀ-ସ୍ତ୍ରୀ ଭାବେ ରହିଆସୁଥିଲେ। ୨୦୧୮ ଡିସେମ୍ବର ୩୦ରେ ଭୀମପୁର ପଞ୍ଚାୟତ ବୈଠକରେ ଦୁହେଁ ଦୁହିଁଙ୍କୁ ଭଲପାଉଥିବା ଓ ବିବାହ କରିବା ପାଇଁ ଏକ ମିଳିତ ସ୍ୱୀକୃତିପତ୍ର ହୋଇଥିଲା। ଏଥିରେ ଆଶିଷ ଓ ତାଙ୍କ ସହ ଉଭୟ ପରିବାରର ଗୁରୁଜନଙ୍କ ଦସ୍ତଖତ ମଧ ରହିଥିବା ଖବରଦାତା ସମ୍ମିଳନୀରେ କୃତାଞ୍ଜଳି କହିଛନ୍ତି। ଏହି ସ୍ୱୀକୃତିପତ୍ର ପରେ ଆଶିଷ କୃତାଞ୍ଜଳିଙ୍କୁ ନେଇ କୋରାପୁଟ ବନ ଭାରତୀ କଲୋନୀରେ ଘରଭଡ଼ା ନେଇ ରହିଆସୁଥିଲେ। ୨୦୧୯ ଜାନୁଆରୀ ୧୬ରୁ ସେ ଫେରାର ରହିଥିବା ଜାଣି କୃତାଞ୍ଜଳି ପ୍ରଥମେ କୋରାପୁଟ ଟାଉନ ଥାନାରେ ଜଣାଇଥିଲେ। କିନ୍ତୁ କୌଣସି ଅଗ୍ରଗତି ନହେବାରୁ ସେ ୨୦୧୯ ମେ ୧୮ରେ କୋରାପୁଟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୱାନ ସିସି ନଂ ୧୦/୨୦୧୯ରେ ମାମଲା ଦାୟର କରିଥିଲେ। ଏହାପରେ ଟାଉନ ଥାନାରେ ୧୨୩/୧୮/୫/୨୦୧୯ରେ ଏକ ମାମଲା ରୁଜୁ ହୋଇଥିଲା। ଘଟଣାର ତଦନ୍ତ ଚାଲିଥିବା ନେଇ ଟାଉନଥାନା ଅଧିକାରୀ ବାସୁଦେବ ଛତ୍ରିଆ ଆଇଆରବିର ଦୁର୍ଗପତିଙ୍କୁ ଚିଠି କରିଛନ୍ତି। ଅନ୍ୟପକ୍ଷରେ କୃତାଞ୍ଜଳି ଏବେ ଗର୍ଭବତୀ ଥିବାବେଳେ ତାଙ୍କୁ ନ୍ୟାୟ ଦେବା ପାଇଁ କୋରାପୁଟ ଆଇଆର୍‌ବି ଦୁର୍ଗପତି ଓ କୋରାପୁଟ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।




■ଗୁପ୍ତେଶ୍ୱରକୁ ସାଇନବୋର୍ଡ଼ ଲଗାଇବାକୁ ଭୁଲିଗଲା ପର୍ଯ୍ୟଟନ ବିଭାଗ

# ବ୍ୟାନର ଲଗାଇଲେ ଚାର୍ଟ ଦୋକାନୀ

ବୈପାରୀଗୁଡ଼ା,୬।୮(ଡି.ଏନ୍.ଏ.)

ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ବୈପାରୀଗୁଡା ବ୍ଲକ ସଦରରୁ ରାମଗିରି ରାସ୍ତାରେ ଗଲେ ୩୫ କିମି ଦୂରରେ ରହିଛି। ଜୟପୁରରୁ ଗୁପ୍ତେଶ୍ୱର ଆସିବାକୁ ହେଲେ ୨୨ କିମି ଦୂରତା ପରେ ପଡ଼େ ବୈପାରୀଗୁଡ଼ା ଛକ। ସେଠାରେ ରାସ୍ତା ୨ ଭାଗ ହୋଇଛି। ଗୋଟିଏ ମାଲକାନଗିରି ଜିଲା ଓ ଅନ୍ୟଟି ରାମଗିରି ଦେଇ ଗୁପ୍ତେଶ୍ୱର ପୀଠକୁ ଯାଇଛି। ପୂର୍ବରୁ ଉକ୍ତ ଛକରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଗୁପ୍ତେଶ୍ୱର ରାସ୍ତା ଡାଇରେକ୍ସନ ଓ ଦୂରତା ସଂପର୍କିତ ଛୋଟ ସାଇନ୍ ବୋର୍ଡ ଲାଗିଥିଲା। ବର୍ଷକ ତଳେ ମାଲକାନଗିରି ରାସ୍ତା ଓ ବୈପାରୀଗୁଡ଼ା-ରାମଗିରି ରାସ୍ତା ପ୍ରଶସ୍ତିକରଣ ବେଳେ ଉକ୍ତ ବୋର୍ଡକୁ ବାହାର କରି ଦିଆଯାଇଥିଲା। କିନ୍ତୁ ନିର୍ମାଣ କାର୍ଯ୍ୟ ସରିବା ପରେ ଆଉ ସେ ବୋର୍ଡ ଲଗାଗଲା ନାହିଁ। ଫଳରେ ବାହାରୁ ଆସୁଥିବା ଯାତ୍ରୀ, ବିଶେଷ କରି ରାତିରେ ଆସୁଥିବା ଗାଡ଼ି ବାଟବଣା ହେଉଥିଲେ। ଏ ନେଇ ବାରମ୍ବାର ଦାବି ହେଉଥିଲେ ମଧ ପର୍ଯ୍ୟଟନ କିମ୍ବା ପୂର୍ତ୍ତ ବିଭାଗ କେହି ବି ଧାନ ଦେଇ ନଥିଲେ। ଏବେ ଶ୍ରାବଣ ମାସ ପାଇଁ ହଜାର ହଜାର କାଉଡିଆଙ୍କ ସମାଗମ ହେଉଛି। ଏହାକୁ ଦୃଷ୍ଟିରେ ରଖି ବୈପାରୀଗୁଡ଼ା ବଜାରରେ ଠେଲା ଦୋକନରେ ଚାର୍ଟ ବିକୁଥିବା ରାଜୁ ସିଂ ଓ ଅନ୍ୟ ଜଣେ ଯୁବ ସାମାଜିକ କର୍ମୀ ଏସ୍.ବି. ସନ୍ତୋଷ ନିଜ ପକେଟ୍‌ରୁ ଖର୍ଚ୍ଚକରି ଏକ ବ୍ୟାନର ଛକରେ ମାରିଛନ୍ତି। ତାଙ୍କର ଏହି କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

ବନ୍ଧୁଗାଁ,୬।୮(ଡି.ଏନ୍.ଏ.): ବନ୍ଧୁଗାଁ ବ୍ଲକ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଡୁରୁକୁପେଟା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଚାରୁଲତା ଦେବୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ୧୯୮୦ରେ ସେ ବନ୍ଧୁଗାଁ ବ୍ଲକ ବଡ଼ ଗାଦାବାଲସା ସ୍କୁଲରେ ପ୍ରଥାମ ଶିକ୍ଷକତା ଆରମ୍ଭ କରିଥିଲେ। ଦୀର୍ଘ ୩୯ ବର୍ଷ ବନ୍ଧୁଗାଁ ବ୍ଲକର ବିଭିନ୍ନ ସ୍କୁଲରେ ରହି ଶିକ୍ଷକତା କରିବା ଭିତରେ ସେ ଛାତ୍ରବତ୍ସଳ ଓ ଆଦର୍ଶ ଶିକ୍ଷୟିତ୍ରୀ ହୋଇପାରିଥିଲେ। ବନ୍ଧୁଗାଁ ପରି ଅଞ୍ଚଳରୁ ସେ ୧୯୯୫-୯୬ରେ ପ୍ରଥମ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ଜିଲାପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ତାଙ୍କରି ଶିକ୍ଷକତା ଭିତରେ ବନ୍ଧୁଗାଁ ବ୍ଲକର ୨ଜଣ ଛାତ୍ର ସିଏ ପାଇବା ସହ ବକ୍ତୃତା ପ୍ରତିଯୋଗିତରେ ଜଣେ ଛାତ୍ରୀ ଜିଲା ଓ ରାଜ୍ୟସ୍ତରରେ ପ୍ରଥମ ହୋଇଛନ୍ତି। ବହୁ ଛାତ୍ର ବ୍ଲକସ୍ତରରେ ୩ୟ ଶ୍ରେଣୀରେ ଟପ୍ପର ହୋଇପାରିଥିଲେ। ବିଇଓ ପ୍ରଫୁଲ୍ଲ କୁମାର ମିଶ୍ର, ଅନ୍ୟ ୨ଜଣ ଏବିଇଓ, ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷକବନ୍ଧୁ ଓ ପୁରୁଣା ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ନୂତନ କଲେଜ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

କୋରାପୁଟ,୬।୮(ସ୍ୱ.ପ୍ର.): କୋରାପୁଟସ୍ଥିତ ଆମ୍ବେଡକର ମହାବିଦ୍ୟାଳୟରେ ମଙ୍ଗଳବାର ଯୁକ୍ତ ଦୁଇ କଳାରେ ନାମ ଲେଖାଇଥିବା ନୂତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟର ସଭାପତି ଅନନ୍ତରାମ ମାଟାମଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ପଡାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ଯୁକ୍ତ ଦୁଇ କଳାରେ ନାମ ଲେଖାଇଥିବା ଶତାଧିକ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯିବା ସହ ସେମାନଙ୍କୁ ଭଲ ପାଠ ପଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ହେମନ୍ତ କୁମାର ପାତ୍ର, ଅଧାପକ ଲକ୍ଷ୍ମଣ ସାହୁ, ଶିବ ନାୟକ, ଟି. ପ୍ରତିମା ମଞ୍ଜରୀ, ବାବୁଲା ରାଉତ, ମୁକେଶ ନାୟକ ଯୋଗ ଦେଇଥିଲେ।



ଜୟପୁର ବ୍ଲକ କାର୍ଯ୍ୟାଳୟରେ ବିଧାୟକ ତାରାପ୍ରସାଦ ବାହିନୀପତି ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ଓ ଭତ୍ତା ବାଣ୍ଟୁଛନ୍ତି।

# ଆବାସ କାର୍ଯ୍ୟାଦେଶ, ଭତ୍ତା ବାଣ୍ଟିଲେ ବିଧାୟକ

ଜୟପୁର,୬।୮(ନି.ପ୍ର./ଡି.ଏନ୍.ଏ.)

ଜୟପୁର ବ୍ଲକ ସଭାଗୃହରେ ମଙ୍ଗଳବାର ଆବାସ କାର୍ଯ୍ୟାଦେଶ ଓ ନୂତନ ପେନସନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ବ୍ଲକର ୨୨ଟି ପଞ୍ଚାୟତର ଥିବା ନୂତନ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ଓ ମଧୁବାବୁ ପେନସନ ଯୋଜନାରେ ବାର୍ଦ୍ଧକ୍ୟ, ବିଧବା ଭତ୍ତା ବାଣ୍ଟିଛନ୍ତି। ୪୪୫ ଜଣ ବାର୍ଦ୍ଧକ୍ୟ ଭତ୍ତା, ୮୦ଜଣ ବିଧବା ଭତ୍ତା, ୩୪ଜଣ ଭିନ୍ନକ୍ଷମ, ୨୩ଜଣ ଅବିବାହିତ ମହିଳାଙ୍କୁ ଭତ୍ତା, ୩୨୦ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସୁକାନ୍ତି ବାଗଦେରିଆ, ଉପାଧକ୍ଷ ଈଶ୍ୱର ବାଘ, ଜିଲା ପରିଷଦ ସଭ୍ୟ ମନଦର ଗାଧବା, ବଲ୍ଲଭ ନାୟକ, ବିଡିଓ ସୁରଜ ପଟ୍ଟନାୟକ, ଜିପିଓ କୈଳାସ ଚନ୍ଦ୍ର ରଥ, ଏମ୍‌ପି ପ୍ରତିନିଧି କୃଷ୍ଣଚନ୍ଦ୍ର ନେପାକ, ବିଏସ୍ଏସ୍‌ଓ ଚନ୍ଦନ ବାରିକ ଉପସ୍ଥିତ ଥିଲେ।

### ବର୍ଷା ପାଇଁ ପୌରସଂସ୍ଥାରେ ବଣ୍ଟନ କାର୍ଯ୍ୟକ୍ରମ ସ୍ଥଗିତ

ପ୍ରବଳ ବର୍ଷା ପାଇଁ ହିତାଧିକାରୀ ଆସି ନଥିବା ଯୋଗୁ ଜୟପୁର ପୌରସଂସ୍ଥା କାର୍ଯ୍ୟାୟରେ ଆବାସ କାର୍ଯ୍ୟାଦେଶ ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ସ୍ଥଗିତ ରହିଛି। ବର୍ଷା ସତ୍ତ୍ୱେ ଆସିଥିବା ୨୫ ଜଣ ହିତାଧିକାରୀଙ୍କୁ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଗୋପୀନାଥ ସାରକା ଆବାସ ଓ ଭତ୍ତା ବାଣ୍ଟିଥିଲେ। ବୁଧବାର ଅବଶିଷ୍ଟ ହିତାଧିକାରୀଙ୍କୁ ଜୟପୁର ବିଧାୟକ ଆବାସ ଓ ଭତ୍ତା ବଣ୍ଟନ କରିବେ।

## ସତ୍କାର ପାଇଁ ଶ୍ମଶାନରେ ମିଳିଲାନି ଜାଗା

ଜଳେଶ୍ୱର, ୬।୮

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଆମ୍ବୁଳିଅଠା ଗ୍ରାମରେ ପୂର୍ବ ବିବାଦକୁ କେନ୍ଦ୍ର କରି ଜଣେ ବାସିନ୍ଦାଙ୍କୁ ମୃତ୍ୟୁ ପରେ ଶ୍ମଶାନରେ ଜାଗା ନ ମିଳିବା ଘଟଣା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଗ୍ରାମର ଭୂପତି ଜେନା (୭୨)ଙ୍କର ସୋମବାର ମୃତ୍ୟୁ ହୋଇଥିଲା। ଗ୍ରାମର ନୀତି ଓ ପ୍ରଥା ଅନୁଯାୟୀ ଶବ ସତ୍କାର ପାଇଁ ବଡ଼ପୁଅ ଭବାନୀ ଗ୍ରାମର ମୁଖିଆଙ୍କ ସମେତ ଗ୍ରାମବାସୀଙ୍କୁ ଡାକିଥିଲେ। କିନ୍ତୁ ପୂର୍ବରୁ ଗ୍ରାମବାସୀଙ୍କ ସହ ସାନ ପୁଅ ଗିରିଜାଙ୍କର କୌଣସି କାରଣରୁ ଗଣ୍ଡଗୋଳ ହୋଇ ଜଳେଶ୍ୱର ଥାନାରେ ମାମଲା ହୋଇଥିଲା। ସେହି ଗଣ୍ଡଗୋଳ ଯୋଗୁ କେହି ତାଙ୍କ ଘରକୁ ଯିବେ ନାହିଁ କି ତାଙ୍କ ପରିବାର ଲୋକଙ୍କ ମୃତ୍ୟୁ ପରେ ଗ୍ରାମ ଶ୍ମଶାନରେ ଜାଗା ଦିଆଯିବ ନାହିଁ ବୋଲି ଗ୍ରାମରେ ନିଷ୍ପତ୍ତି ହୋଇଥିଲା। ସକାଳୁ ସନ୍ଧ୍ୟା ଯାଏ ପିଣ୍ଡାରେ ଶବ ପଡି ରହିଥିଲା। ମୃତ ଭୂପତୀଙ୍କ ସ୍ତ୍ରୀ ଗ୍ରାମବାସୀଙ୍କୁ ଯେତେ ନେହୁରା ହେଲେ ମଧ କେହି ଆସି ନ ଥିଲେ। ଶେଷରେ ମୃତକଙ୍କ ପରିବାର ଜଳେଶ୍ୱର ଥାନାର ଆଶ୍ରୟ ନେଇଥିଲେ। ଥାନା ତରଫରୁ ସହଯୋଗ ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ହେଲେ ଶବ ଦାହ ବେଳେ ପୋଲିସ କର୍ମଚାରୀ ରହି ନ ଥିଲେ। ଶେଷରେ ଭୂପତିଙ୍କ ୪ ପୁଅ କାନ୍ଧରେ ଶବ ବୋହିନେଇ ୧୪ କି.ମି. ଦୂର ନଦୀକୂଳରେ ଶବ ସଂସ୍କାର କରିଥିଲେ।

## ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଲକ୍ଷ ଟଙ୍କାର ସହାୟତା

କୋରାପୁଟ,୬।୮(ସ୍ୱ.ପ୍ର.)

କୋରାପୁଟଠାରେ ଗତ ଏପ୍ରିଲ ୨୭ରେ ହୋଇଥିବା ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ସ୍ଥାନୀୟ ମିଶନ କମ୍ପାଉଣ୍ଡର ପ୍ରେମ ଖୋସଲାଙ୍କ ପରିବାରକୁ ମଙ୍ଗଳବାର ଆର୍ଥିକ ସହାୟତା ଦିଆଯାଇଛି । ସ୍ଥାନୀୟ ଜିଲା ଜରୁରୀ ବିଭାଗ କାର୍ଯ୍ୟାଳୟରେ କୋରାପୁଟ ବିଧାୟକ ରଘୁରାମ ପଡାଲ ମୃତକଙ୍କ ମାଆ ରଇଲା ମାଝିଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଲକ୍ଷ ଟଙ୍କାର ଏକ ଡ୍ରାଫ୍ଟ ପ୍ରଦାନ କରିଛନ୍ତି। ବିଧାୟକ ଓ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏହି ସହାୟତା ସଂପୃକ୍ତ ପରିବାରକୁ ପ୍ରଦାନ କରାଯାଇଛି । ଏହି ଅବସରରେ ଜିଲା ଜରୁରୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଭାଗର ବରିଷ୍ଠ କିରାଣି ପ୍ରକାଶ ସାମଲ, ବିଜେଡି ଯୁବନେତା ସୁରେଶ ପଟ୍ଟନାୟକ ଉପସ୍ଥିତ ଥିଲେ ।



ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ରାଶି ଦିଆଯାଉଛି।

## ହୃଦ୍‌ଘାତରେ ସାମାଜିକ କର୍ମୀଙ୍କ ମୃତ୍ୟୁ

ବାହାନଗା, ୬।୮(ଡି.ଏନ.ଏ.)

ବାହାନଗା ବ୍ଲକ ଖରାସାହାପୁର ଗ୍ରାମର ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ ପ୍ରାଣୀଧନ ନିରୀକ୍ଷକ ବିଷ୍ଣୁମୋହନ ଜେନା(୮୩)ଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସକାଳେ ସେ ଘର ଅଗଣାରେ ଚେୟାରରେ ବସିଥିବା ବେଳେ ହୃଦ୍‌ଘାତ ହେବାରୁ ତଳକୁ ଗଡିପଡିଥିଲେ। ପରିବାର ଲୋକମାନେ ଉଠାଇବା ବେଳକୁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ସେ ପୂର୍ବରୁ ପ୍ରାଣୀ ଚିକିତ୍ସାଳୟରେ ଏଲଆଇ(ପ୍ରାଣୀଧନ ନିରୀକ୍ଷକ) ଭାବେ ବାହାନଗା ବ୍ଲକ ସମେତ ଜିଲାରେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିବା ସହିତ ସେବାମୂଳକ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ। ତାଙ୍କ ପୁଅ ପ୍ରଦୀପ ଜେନା ବିଜେଡିର ବାଲେଶ୍ୱର ଜିଲା ଉପସଭାପତି ଅଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶେଷଦର୍ଶନ ନିମନ୍ତେ ସୋର ବିଧାୟକ ପର୍ଶୁରାମ ଧଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ମରଶରୀର ଉପରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ଓଟିଇଟି ପରୀକ୍ଷା :୧୬୦ କିମି ଦୂରରେ ପଡ଼ିଛି କେନ୍ଦ୍ର

ପଟ୍ଟାଙ୍ଗି,୬।୮(ଡି.ଏନ୍.ଏ.)

ରାଜ୍ୟ ମାଧମିକ ଶିକ୍ଷା ପରିଷଦ ପକ୍ଷରୁ ହେଉଥିବା ଓଟିଇଟି ପରୀକ୍ଷା କେନ୍ଦ୍ରକୁ ନେଇ ଚିନ୍ତାରେ ପଡ଼ିଛନ୍ତି କୋରାପୁଟ ଜିଲା ପଟ୍ଟାଙ୍ଗି ଓ ସେମିଳିଗୁଡ଼ା ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକ। ଗତ ଜାନୁଆରୀ ୧୬ରେ ଜୟପୁର ବ୍ଲକ ସ୍ଥିତ ଜଗଦୀଶ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ହୋଇଥିଲା। ଫଳରେ ମାଧମିକ ଶିକ୍ଷା ପରିଷଦ ପରୀକ୍ଷା ବାତିଲ କରି ପୁଣି ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲା। ଦୀର୍ଘ ୭ ମାସ ପରେ ଚଳିତ ମାସ ୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଦିନକୁ ତିନୋଟି ପର୍ଯ୍ୟାୟରେ ପରୀକ୍ଷା ହେଉଛି। କିନ୍ତୁ ପଟ୍ଟାଙ୍ଗି ଓ ସେମିଳିଗୁଡ଼ା ବ୍ଲକରୁ ୧୬୦ କିଲୋମିଟର ଦୂର ରାୟଗଡ଼ା ସ୍ଥିତ ଗାନ୍ଧି ଇନଷ୍ଟିଚ୍ୟୁଟ୍ କମ୍ପ୍ୟୁଟର ଆଡଭାନ୍ସ ରିସର୍ଚ୍ଚରେ ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ଏହାକୁ ନେଇ ଅସନ୍ତୋଷ ଦେଖା ଦେଇଛି। ଲଗାଣ ବର୍ଷା ସମୟରେ ଏତେଦୂର ପରୀକ୍ଷା କେନ୍ଦ୍ର କରାଯିବା ନେଇ ଭ୍ରୁକୁଞ୍ଚନ ସୃଷ୍ଟି ହୋଇଛି। ଶତାଧିକ ଶିକ୍ଷୟିତ୍ରୀ ଓ ଯୁବତୀ ଏହି ପରୀକ୍ଷା ଦେଉଥିବାରୁ କେନ୍ଦ୍ର ଏତେଦୂରରେ ହେବା ସେମାନଙ୍କୁ ସମସ୍ୟାରେ ପକାଇଛି। ଏନେଇ ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ ପଣ୍ଡା କହିଛନ୍ତି, ଜିଲା ଶିକ୍ଷା ବିଭାଗ ଅଧୀନରେ ପରୀକ୍ଷା କେନ୍ଦ୍ର ବ୍ୟବସ୍ଥା ନାହିଁ। ଅନଲାଇନରେ ପରୀକ୍ଷା କେନ୍ଦ୍ର ଚୟନ କରାଯାଇ ମାଧମିକ ଶିକ୍ଷା ପରିଷଦ ସ୍ଥାନ, ସମୟ ଓ ତାରିଖ ଧାର୍ଯ୍ୟ କରିଛି।

# ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ିଲା

ଦଶମନ୍ତପୁର,୬।୮(ଡି.ଏନ୍.ଏ.)

ଲଗାଣ ବର୍ଷା ପାଇଁ ଦଶମନ୍ତପୁର ବ୍ଲକ ସଦରରେ ଥିବା ହାଟପଦା ସାହିରେ ରାଧାକୃଷ୍ଣ ବାଣ୍ଡୁଆଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିଛି। । ତାଙ୍କ ପୁଅ, ଝିଅ ଅଲଗା ରହୁଥିବା ବେଳେ ସାନ ପୁଅ ବସନ୍ତଙ୍କ ସହ ସେ ରହନ୍ତି। ଦୀର୍ଘଦିନ ହେବ ଲାଗି ରହିଥିବା ଲଘୁଚାପ ଜନିତ ବର୍ଷାରେ ମଙ୍ଗଳବାର ମଝି ବଖରା କାନ୍ଥ ହଠାତ୍ ଭୁଶୁଡ଼ି ପଡିଥିଲା। ଅପରାହ୍ନ ସମୟରେ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବା ବେଳେ ଏଭଳି ଘଟିଥିଲା। କାନ୍ଥ ଭୁଶୁଡ଼ିବା ପରେ ୪ଟି ଆଜବେଷ୍ଟସ ଭାଙ୍ଗିଯାଇଥିବା ବେଳେ ଘରେ ଥିବା ସାମଗ୍ରୀଗୁଡିକ ନଷ୍ଟ ହୋଇଯାଇଛି। ରାଧାକୃଷ୍ଣଙ୍କ କହିବାନୁସାରେ ଏହି ଘରଟି ଗତ ବର୍ଷାରେ ମଧ୍ୟ ଭାଙ୍ଗି ଯାଇଥିଲା । ବହୁ କଷ୍ଟରେ ସେ ମରାମତି କରି ଆଶ୍ରୟ ନେଇଥିଲେ। ଏ ବର୍ଷାରେ ମଧ୍ୟ ଘର ଭାଙ୍ଗିଯିବା ପରେ ମରାମତି ପାଇଁ ପୁଣି ଅର୍ଥ ଯୋଗାଡ଼ କରିବା ତାଙ୍କ ପାଇଁ କଷ୍ଟକର ହେବ ବୋଲି ସେ କହିଛନ୍ତି। ତାଙ୍କ ନାମରେ ବହୁବାର ଆବାସ ଗୃହ ଆସୁଛି, ହେଲେ ବାପାଙ୍କ ନାମ ଭୁଲ ଥିବା ଯୋଗୁ ପଞ୍ଚାୟତ ତାହା ଦେଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଅଜୟ ପ୍ରକାଶ ତିର୍କି କହିଛନ୍ତି, ସେ ଆର୍‌ଆଇଙ୍କୁ ତଦନ୍ତ ପାଇଁ ପଠାଇ ସହାୟତା ବ୍ୟବସ୍ଥା କରିବେ।



ଭାଙ୍ଗିପଡିଥିବା ଘର ଆଗରେ ରାଧାକୃଷ୍ଣ।

■ ମାଣ୍ଡିଆକୁ ପ୍ରୋତ୍ସାହନ ଦେବ କୋରାପୁଟ ଜିଲା ପ୍ରଶାସନ

# ଏଥର ୫ ହଜାର ହେକ୍ଟର ଜମିରେ ଚାଷ

ଜୟପୁର,୬।୮(ନି.ପ୍ର.)

**ମିଲେଟ ମିଶନ**
- କୋରାପୁଟର ୧୦ ବ୍ଲକରେ କରାଯିବ ମାଣ୍ଡିଆ ଚାଷ
- ୩ରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ମିଳିବ ପ୍ରୋତ୍ସାହନ ରାଶି

ଆଦିବାସୀଙ୍କ ପ୍ରିୟ ଖାଦ୍ୟ ମାଣ୍ଡିଆ ଅଧିକରୁ ଅଧିକ ଚାଷ କରାଯିବା ପାଇଁ ପ୍ରଶାସନ ଗୁରୁତ୍ୱ ଦେଇଛି । ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ ହୋଇଥିବା ବେଳେ ଏହାର ଅଧିକ ଉତ୍ପାଦନ ପାଇଁ ପ୍ରୟାସ କରାଯାଉଛି। କୋରାପୁଟ ଜିଲାର ୧୦ଟି ବ୍ଲକର ପ୍ରାୟ ୫ ହଜାର ହେକ୍ଟର ଜମିରେ ମାଣ୍ଡିଆ ଚାଷ କରିବା ପାଇଁ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ସରକାର ଏଥିପାଇଁ ପ୍ରୋତ୍ସାହନ ରାଶି ମଧ ଯୋଗାଇଦେବା ପାଇଁ ଘୋଷଣା କରିଛନ୍ତି। କୋରାପୁଟ ଜିଲାର ୧୪ରୁ ୧୦ଟି ବ୍ଲକରେ ଏହି ମାଣ୍ଡିଆ ଚାଷ କରାଯିବା ପାଇଁ ଚାଷୀଙ୍କୁ ୩ରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଅନୁଦାନ ମିଳିବ।

ଗତ ବର୍ଷ ଜିଲାର ପ୍ରାୟ ୭ଟି ବ୍ଲକ ବୋରିଗୁମ୍ମା, କୁନ୍ଦୁରା, ବୈପାରିଗୁଡ଼ା, ଦଶମନ୍ତପୁର, ସେମିଳିଗୁଡ଼ା, ଲମତାପୁଟ, ନନ୍ଦପୁରରେ ଏହି ଯୋଜନା ଆରମ୍ଭ କରାଯାଇଥିଲା। ଚଳିତ ବର୍ଷ ପାଇଁ ଏହି ମିଶନରେ ଆଉ ୩ଟି ବ୍ଲକ ସାମିଲ କରାଯାଇଛି। ଦୁଇ ବର୍ଷତଳେ ଖାଦ୍ୟଶସ୍ୟର ଉତ୍ପାଦନ ବଢ଼ାଇବା ପାଇଁ ରାଜ୍ୟର ବିଭିନ୍ନ ଜିଲାରେ ମିଲେଟ ମିଶନ ଆରମ୍ଭ କରାଯାଇଥିଲା । ଚାଷୀଙ୍କୁ ପ୍ରୋତ୍ସାହନ ବାବଦକୁ ସାଧାରଣ ଚାଷ ପାଇଁ ଏକର ପିଛା ୧ ହଜାର ଟଙ୍କା ଏବଂ ଏମ୍ଆଇ ପଦ୍ଧତିରେ ଚାଷ କରିଥିଲେ ୨ହଜାର ଟଙ୍କା ଦେବାର ବ୍ୟବସ୍ଥା ରହିଛି। କୋରାପୁଟ ଜିଲା ପାଇଁ ଭୈରବ କିସମର ମାଣ୍ଡିଆ ଚାଷ ଲାଗି ପ୍ରୋତ୍ସାହନ ଦିଆଯାଇଥିଲା। ମିଲେଟ ମିଶନରୁ କେବଳ କୋଟପାଡ଼, ଜୟପୁର, ବନ୍ଧୁଗାଁ ଓ ନାରାୟଣପାଟଣା ବ୍ଲକ ବାଦ୍ ରହିଛି। ଚଳିତ ବର୍ଷ ବର୍ଷାର ଅନୁପାତ କମ୍ ରହିଥିବା ବେଳେ ଚାଷୀ ଚିନ୍ତାରେ ପଡ଼ିଥିଲେ। କିନ୍ତୁ ମାଣ୍ଡିଆ ଚାଷ ପାଇଁ କମ୍ ପାଣିର ଆବଶ୍ୟକତା ପଡୁଥିବାରୁ ସେମାନେ ଆଶ୍ୱସ୍ତ ହୋଇଛନ୍ତି। ମିଲେଟ ମିଶନ ଅଧୀନରେ ମାଣ୍ଡିଆର ବିକ୍ରିବଟା ପାଇଁ ସ୍ୱତନ୍ତ୍ର ମଣ୍ଡିର ବ୍ୟବସ୍ଥା ରହିଥିବା ଜିଲା କୃଷି ଉପନିର୍ଦ୍ଦେଶକ ପ୍ରଦୀପ କୁମାର ମହାନ୍ତି କହିଛନ୍ତି।

## ସଂକ୍ଷେପରେ



### ଯୁବ ରେଡକ୍ରସର କାର୍ଯ୍ୟକାରିଣୀ ବୈଠକ

ରାୟଗଡ଼ା ଅଫିସ୍, ୬।୮: ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଗୋଲ୍ଡେନ୍ ଜୁବିଲି ସମ୍ମିଳନୀ କକ୍ଷରେ ମଙ୍ଗଳବାର ଯୁବ ରେଡ୍‌କ୍ରସ (ୱାଇଆରସି)ର ଜିଲାସ୍ତରୀୟ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟ ଅଧକ୍ଷ ଏବଂ ଜିଲା ଯୁବ ରେଡ୍‌କ୍ରସ ସଭାପତି ପ୍ରଫୁଲ୍ଲ କୁମାର ସେନାପତି ଉଦ୍‌ଘାଟନ କରିଥିଲେ। ବୈଠକରେ ଜିଲା ଆବାହକ ସମ୍ପାଦକ ତଥା ମହାବିଦ୍ୟାଳୟର ଇଂରାଜୀ ଅଧାପକ ଏମ୍. ଶ୍ରୀନିବାସ ଆଚାରୀ ସଭାର କାର୍ଯ୍ୟର ତାଲିକା ଏବଂ ଚଳିତ ଶିକ୍ଷାବର୍ଷର କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ। ଜିଲା ସଂଯୋଜକ (ୱାଇଆରସି) ପ୍ରଶାନ୍ତ କୁମାର ପଣ୍ଡା ତାଙ୍କ ସୁଚିନ୍ତିତ ମତାମତ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ବ୍ଲଡ୍ ବ୍ୟାଙ୍କ ଅଫିସର ଡକ୍ଟର ମଜିଦ୍ ସମ୍ମାନିତ ଅତିଥି ରୂପେ ସଭାରେ ଯୋଗଦେଇ ରକ୍ତଦାନ ଓ ତତ୍ ସମ୍ବନ୍ଧୀୟ ପ୍ରେରଣାଦାୟୀ ଅଭିଯାନ ବିଷୟରେ ଆଲୋକପାତ କରିଥିଲେ। ଆବାହନ ସମ୍ପାଦକ ଏମ୍. ଶ୍ରୀନିବାସ ଆଚାରୀ ଧନ୍ୟବାଦ ଦେଇଥିଲେ।

### ପ୍ରବଳ ବର୍ଷାରେ ପୋଲ ଧୋଇଗଲା

ତୁମୁଡ଼ିବନ୍ଧ,୬।୮ (ଡି.ଏନ୍.ଏ): ପ୍ରବଳ ବର୍ଷାରେ କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ଅଞ୍ଚଳର ଶ୍ଳିକି ପୋଲ ମଙ୍ଗଳବାର ଭାଙ୍ଗିଯାଇଛି। ଫଳରେ ସିର୍ଲା ଓ କୋଟଗଡ଼ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। କୁର୍ତ୍ତୁମଗଡ଼ଠାରୁ ସିର୍ଲାକୁ ସଂଯୋଗ କରୁଥିବା ରାସ୍ତା ଉପରେ ଏହି ଦୁଇ ପଞ୍ଚାୟତବାସୀଙ୍କ ନିର୍ଭର କରନ୍ତି। ପ୍ରବଳ ବର୍ଷାରେ ଶ୍ଳିକି ପୋଲ ସମ୍ପୂର୍ଣ୍ଣ ଧୋଇଯାଇଛି। ଫଳରେ ୨ପଞ୍ଚାୟତବାସୀଙ୍କ ଯାତାୟାତ ଠପ୍ ହୋଇଯାଇଛି।

### ବନ୍ୟପ୍ରାଣୀ ସପ୍ତାହରେ ଚିତ୍ରାଙ୍କନ ପ୍ରତିଯୋଗିତା



ଟିକିରି, ୬।୮ (ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ବନାଞ୍ଚଳ ପକ୍ଷରୁ ସୋମବାର ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀପତି ମାଝିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ପ୍ରାୟ ୪୪ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଯୋଗ ଦେଇଥିଲେ। ଜୁନିୟର ପ୍ରତିଯୋଗୀଙ୍କ ମଧ୍ୟରୁ ଥୁଟିବର ଆଶ୍ରମ ବିଦ୍ୟାଳୟର ଛାତ୍ର ଉମ୍ବେରୁ ମାଝି ପ୍ରଥମ, ରେଣୁକା ମାଝି ଦ୍ୱିତୀୟ ଏବଂ ଟିକିରି ହାଇସ୍କୁଲର ସାଗର ମାଝି ତୃତୀୟ ହୋଇଥିଲେ। ସେହିପରି ସିନିୟର ମଧ୍ୟରୁ ଭବାନୀ କାନ୍ତି ମାଝି ପ୍ରଥମ, ଅଞ୍ଜନା ମାଝି ଦ୍ୱିତୀୟ ଓ ଅଲଗ ମାଝି ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଚିତ୍ରାଙ୍କନ ସିଟ୍‌କୁ ରାୟଗଡ଼ା ବନଖଣ୍ଡକୁ ପଠାଯାଇଛି।

■ ୫ ବର୍ଷହେଲା ହୋଇନି ପ୍ରାଥମିକ ଶିକ୍ଷକ ବଦଳି

# ଆବଶ୍ୟକତାଠାରୁ ଅଧିକ ୧୦୩

**ଗୁଣପୁର ବ୍ଲକ**
- ବ୍ଲକ, ପୌର ପରିଷଦରେ ମାଲମାଲ ଶିକ୍ଷକ
- ଶିକ୍ଷା ବିଭାଗ ନୀରବଦ୍ରଷ୍ଟା

ଗୁଣପୁର,୬।୮ (ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବ୍ଲକରେ ମାଲମାଲ ଶିକ୍ଷକ। ପିଲା ତୁଳନାରେ ଅଧିକ ଶିକ୍ଷକ। ବର୍ତ୍ତମାନ ଗୁଣପୁର ବ୍ଲକର ପ୍ରାଥମିକ ସ୍କୁଲରେ ପିଲା ଶିକ୍ଷକ ଅନୁପାତକୁ ଅନୁଧ୍ୟାନ କରାଗଲେ ୧୦୩ ଅଧିକ ରହିଛନ୍ତି। ଏଥିପ୍ରତି ଶିକ୍ଷାବିଭାଗ ଜାଣି ସୁଦ୍ଧା ଆଖି ବୁଜି ଦେଇଛି। ଅନ୍ୟପକ୍ଷରେ ଗଣଶିକ୍ଷା ବିଭାଗରେ ଗତ ୫ ବର୍ଷ ହେଲା ହୋଇନି ଶିକ୍ଷକ ବଦଳି। ଫଳରେ ଏପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି।

୨୦୧୪ରେ ତତ୍‌କାଳୀନ ଜିଲାପାଳ ଡ.ଶଶିଭୂଷଣ ପାଢୀଙ୍କ ସମୟରେ ହୋଇଥିଲା ଶିକ୍ଷକ ବଦଳି। ପରେ ୧୦୧୬ରେ ତତ୍‌କାଳୀନ ଜିଲାପାଳ ଗୁହା ପୁନମ ତାପସ କୁମାର ବଦଳି ପାଇଁ ପ୍ରକ୍ରିୟା କରିଥିଲେ। ଜିଲାର ସମସ୍ତ ତଥା ୧୦ଟି ବ୍ଲକରେ ବଦଳି ପ୍ରକ୍ରିୟା ହୋଇଥିଲେ ମଧ୍ୟ ଗୁଣପୁର ବ୍ଲକରେ ଅନିୟମିତତା ଏବଂ ବିବାଦୀୟ ପାଇଁ ତାହାକୁ ଜିଲାପାଳ ବାତିଲ କରି ଦେଇଥିଲେ। ଇତିମଧ୍ୟରେ ୫ ବର୍ଷ ହେଲା ଗୁଣପୁର ବ୍ଲକରେ ବଦଳି ହୋଇପାରିନାହିଁ। ଫଳରେ ଅନେକ ସ୍କୁଲରେ ଏବେ ମାଲମାଲ ଶିକ୍ଷକ ରହିଛନ୍ତି। ପିଲା ସଂଖ୍ୟା କମ୍ ଥିଲେ ମଧ୍ୟ ଅଧିକ ସଂଖ୍ୟାରେ ଶିକ୍ଷକ ରହିଛନ୍ତି। ଏପରିକି ପିଲା ନ ଥିଲେ ମଧ୍ୟ ଭୂତ ପିଲାଙ୍କ ନାମ ଲେଖାଇ ସେହି ସ୍ଥାନରେ ଶିକ୍ଷକମାନେ ରହୁଥିବା ଅଭିଯୋଗ ହୋଇଛି। ସ୍କୁଲରେ ଯେତିକି ପିଲା ଅଛନ୍ତି ବୋଲି ଦର୍ଶାଯାଉଛି ପ୍ରକୃତରେ ସେତିକି ନାହାନ୍ତି। ଗୁଣପୁର ବ୍ଲକ ଅପେକ୍ଷା ଗୁଣପୁର ପୌର ପରିଷଦରେ ପିଲା ତୁଳନାରେ ଅଧିକ ସଂଖ୍ୟାରେ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟରତ ଅଛନ୍ତି। ଏସବୁ ଶିକ୍ଷାବିଭାଗ, ଜିଲା ପ୍ରଶାସନ ଏବଂ ରାଜ୍ୟ ଗଣ ଶିକ୍ଷା ବିଭାଗର ନଜରରେ ଥିଲେ ମଧ୍ୟ ସମସ୍ତେ ନୀରବଦ୍ରଷ୍ଟା ସାଜିଛନ୍ତି। ଅନ୍ୟପଟେ କେତେକ ବ୍ଲକରେ ପିଲାସଂଖ୍ୟା ଅଧିକ ଥିଲେ ମଧ୍ୟ ଆବଶ୍ୟକ ମୁତାବକ ଶିକ୍ଷକ ନାହାନ୍ତି।

ଗୁଣପୁର ବ୍ଲକର ଟଲଣା ପିୟୁପିଏସ ସ୍କୁଲରେ ୭୪ ପିଲା ଥିବାବେଳେ ୭ ଶିକ୍ଷକ ରହିଛନ୍ତି। ସେହିପରି କିତୁଙ୍ଗ ପିୟୁପିଏସ ସ୍କୁଲରେ ୪୨ ଛାତ୍ରୀଛାତ୍ର ରହିଥିବାବେଳେ ୫ ଶିକ୍ଷକ, ଡେଙ୍ଗାକୁଲ ପିଏସ ସ୍କୁଲରେ ୧୮ ପିଲାକୁ ୪ ଶିକ୍ଷକ, ସିଙ୍ଗୁବାଇ ପିୟୁପିଏସ ସ୍କୁଲରେ ୪୮ ପିଲାକୁ ୪ ଶିକ୍ଷକ, ବାରିଡି ପିୟୁପିଏସ ସ୍କୁଲରେ ୩୦ ପିଲାରେ ୩ ଶିକ୍ଷକ, ତୁମକମାନଗୁଡାରେ ୟୁପିଏସରେ ୧୫ ପିଲାକୁ ୪ ଶିକ୍ଷକ, ଜଗନ୍ନାଥପୁର ଏନୟୁପିଏସ ସ୍କୁଲରେ ୧୦୨ ପିଲାରେ ୯ ଶିକ୍ଷକ, ଏସ.ଚିନ୍ତାଲୁଗୁଡା ପିଏସରେ ୨୩ ପିଲାରେ ୩ ଶିକ୍ଷକ, ଶିରିଝୋଲି ୟୁଜିଏଚସିରେ ୬୮ପିଲାଙ୍କୁ ୬ ଶିକ୍ଷକ ଅଛନ୍ତି। ସେହିପରି ଗୋମୁ ୟୁଜିଏଚଏସ ସ୍କୁଲରେ ୮୩ ପିଲାକୁ ୫ ଶିକ୍ଷକ, ଚାଲକମ୍ବା ଏନୟୁପିଏସ ସ୍କୁଲରେ ୧୪୭ ପିଲାରେ ୭ ଶିକ୍ଷକ, ଭାଲେରି ପିଏୟୁପିଏସରେ ୪୨ ପିଲାଙ୍କୁ ୪ ଜଣ ଶିକ୍ଷକ, ଲିମାମେଡା ପିୟୁପିଏସରେ ୧୭୦ ପିଲାକୁ ୯ ଶିକ୍ଷକ, ରୁପାପଦର ପିଏସରେ ୧୫ ପିଲାଙ୍କୁ ୪ ଶିକ୍ଷକ, ଦଣ୍ଡୁଗୁଡା ପିୟୁପିଏସରେ ୫୪ ପିଲାଙ୍କୁ ୫ ଶିକ୍ଷକ, ଚାନାସାରି ପିୟୁପିଏସରେ ୫୮ ପିଲାରେ ୫ ଶିକ୍ଷକ, କୁରୁଣି ୟୁପିଏସରେ ୪୫ ଛାତ୍ରୀଛାତ୍ରଙ୍କୁ ୫ ଶିକ୍ଷକ, ରୁମ୍ବାତି ପିଏସରେ ୧୪ ପିଲାରେ ୩ ଶିକ୍ଷକ, ସର୍ଗିଆସିଂ ପିୟୁପିଏସ ସ୍କୁଲରେ ୨୨ ପିଲାଙ୍କୁ ୪ ଶିକ୍ଷକ, କାଡାସି ପିୟୁପିଏସରେ ୩୨ ଛାତ୍ରୀଛାତ୍ରଙ୍କୁ ୭ ଶିକ୍ଷକ, ଖଇରା ୟୁପିଏସରେ ୮୯ ପିଲାରେ ୯ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ସେହିପରି ଆମ୍ବାବାଡି ପିୟୁପିଏସ ସ୍କୁଲରେ ୭୨ ପିଲାରେ ୬ ଶିକ୍ଷକ ଥିବାବେଳେ ପୋଡସିଂ ପିୟୁପିଏସ ସ୍କୁଲରେ ୬୫ ପିଲାଙ୍କୁ ୪ ଶିକ୍ଷକ ଅଛନ୍ତି। ଖର୍ଲିଙ୍ଗ ପିଏସରେ ୩୩ ପିଲାରେ ୩ ଶିକ୍ଷକ, ଓମ୍ପେରାରେ ୫୪ ପିଲାରେ ୪ ଶିକ୍ଷକ, ଦୁର୍କାନିଗୁଡା ୟୁପିଏସରେ ୬୨ ପିଲାରେ ୬ ଶିକ୍ଷକ, ଗାଦିଆଖଳା ୟୁପି ସ୍କୁଲରେ ୧୫୩ ପିଲାଙ୍କୁ ପାଠ ପଢାଇବା ପାଇଁ ୭ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ନୂଆଗାଁ ପିୟୁପିଏସରେ ୯୬ ପିଲାରେ ୭ ଶିକ୍ଷକ, ସାମ୍ପିନି ପିଏସରେ ୧୮ ପିଲାରେ ୪ ଶିକ୍ଷକ, ଲିମାଲିଗୁଡା ପିଏୟୁପିଏସରେ ୫୩ ପିଲାଙ୍କୁ ୫ ଶିକ୍ଷକ, ଉମ୍ବସରା ପିଏସରେ ୪୯ ପିଲାଙ୍କ ପାଇଁ ୫ ଶିକ୍ଷକ, ବାଗଶଳା ୟୁପିଏସରେ ୯୨ ପିଲାରେ ୭ ଶିକ୍ଷକ, ସନ୍ୟାସିପୁର ପିଏସ ସ୍କୁଲରେ ୧୪ ପିଲାରେ ୩ ଶିକ୍ଷକ, ଶଗଡା ପିୟୁପିଏସରେ ୮୪ ପିଲାରେ ୫ ଶିକ୍ଷକ କାର୍ଯ୍ୟ ତୁଲାଉଛନ୍ତି। ଆବାଡା ପିୟୁପିଏସରେ ୨୫ ପିଲାରେ ୪ ଶିକ୍ଷକ, ତାରବେଲ ପିଏସରେ ୧୮ପିଲାରେ ୩ ଶିକ୍ଷକ, ରିଙ୍ଗିତାଲ ପିୟୁପିଏସରେ ୧୧୧ ପିଲାଙ୍କ ପାଇଁ ୭ ଶିକ୍ଷକ, ଲାଡେ ପିୟୁପିଏସରେ ୨୬ ପିଲାଙ୍କ ନିମନ୍ତେ ୪ ଶିକ୍ଷକ ଅଛନ୍ତି। ରେଗେଡା ପିୟୁପିଏସରେ ୧୦୩ ପିଲାଙ୍କ ପାଇଁ ୧୦ ଶିକ୍ଷକ, ବଡଗୁଡା ପିଏସରେ ୩୩ ପିଲାଙ୍କ ପାଇଁ ୪ ଶିକ୍ଷକ, ବୁର୍ତ୍ତିଗୁଡା ୟୁପିଏସରେ ୪୮ ପିଲାରେ ୫ ଶିକ୍ଷକ, ନାଉଡା ୟୁଜିଏଚଏସରେ ୪୫ ପିଲାରେ ୫ ଶିକ୍ଷକ, ଚିନାରିଗୁଡା ଏନପିଏସରେ ୭୩ ପିଲାଙ୍କ ପାଇଁ ୪ ଶିକ୍ଷକ, ଚୈତନ୍ୟଗୁଡା ଏନପିଏସରେ ୨୫ ପିଲାଙ୍କୁ ୩ ଶିକ୍ଷକ, ସମ୍ବରାଗୁଡା ୟୁପିଏସରେ ୧୭ରେ ୪, ତାଲମଣ୍ଡା ଏନପିଏସରେ ୧୫ ପିଲାଙ୍କୁ ୪ ଶିକ୍ଷକ, ଟିଂମିରି ପିୟୁପିଏସରେ ୮୬ ପିଲାରେ ୬ ଶିକ୍ଷକ, ଭୀମପୁର ପିୟୁପିଏସ ସ୍କୁଲରେ ୧୭୨ ପିଲାଙ୍କ ପାଇଁ ୬ ଶିକ୍ଷକ, ଭୀମପୁରଗୁଡା ୟୁଜିଏଚଏସରେ ୭୩ ପିଲାଙ୍କୁ ୪ ଶିକ୍ଷକ ଅଛନ୍ତି। ଅନ୍ୟପଟେ ଗୁଣପୁର ପୌର ପରିଷଦରେ ସ୍ଥିତି ଖୁବ ଆଶ୍ଚର୍ଯ୍ୟଜନକ ରହିଛି। ପିଲା ସଂଖ୍ୟା କମ ଥିଲେ ମଧ୍ୟ ମାଲମାଲ ଶିକ୍ଷକ ରହିଛନ୍ତି ମାଠିଆସାହି ପିଏସ ସ୍କୁଲରେ ୯୮ ପିଲାରେ ୯ ଶିକ୍ଷୟିତ୍ରୀଶିକ୍ଷକ, ସାନ ଆର୍ସିଂଗୁଡା ସ୍କୁଲରେ ୬୦ ଛାତ୍ରୀଛାତ୍ରଙ୍କ ପାଇଁ ୫ ଶିକ୍ଷୟିତ୍ରୀଶିକ୍ଷକ, ଜେଲପେଟା ପିଏସ ସ୍କୁଲରେ ୪୬ ପିଲାରେ ୫ ଶିକ୍ଷକ, ବିକ୍ରମପୁର ୟୁପିଏସ ସ୍କୁଲରେ ୧୬୮ ଛାତ୍ରୀଛାତ୍ରଙ୍କ ପାଇଁ ୧୦ ଶିକ୍ଷକ ରହିଛନ୍ତି। ଜୁଡିସିଆଲ କଲୋନୀ ପିଏସ ସ୍କୁଲ ପାଇଁ ୭୩ ପିଲାରେ ୬ ଶିକ୍ଷକ, ବଳରାମନଗର ପିଏସ ସ୍କୁଲରେ ୧୯ ଛାତ୍ରୀଛାତ୍ରଙ୍କ ନିମନ୍ତେ ୪ ଶିକ୍ଷୟିତ୍ରୀଶିକ୍ଷକ, ଶଶୀଭୂଷଣ ପେ ପିୟୁପିଏସରେ ୧୬୨ ପିଲାଙ୍କ ପାଇଁ ୧୨ ଶିକ୍ଷକ, କତାଲୁଗୁଡା ପିଏସ ସ୍କୁଲରେ ୨୬ ପିଲାରେ ୪ ଶିକ୍ଷକ, ବାକିଟିସାହି ପିଏସ ସ୍କୁଲରେ ୩୪ ପିଲାରେ ୪ ଶିକ୍ଷକ, ଅରବିନ୍ଦ ପୂର୍ଣ୍ଣାଙ୍ଗ ସ୍କୁଲରେ ୨୪ ପିଲାରେ ୪ ଶିକ୍ଷକ, ବ୍ରାହ୍ମଣସାହି ସ୍କୁଲରେ ୧୪୧ ପିଲାଙ୍କ ପାଇଁ ୯ ଶିକ୍ଷକ, ଏସପିଗୁଡା ପିୟୁପିଏସ ସ୍କୁଲରେ ୧୬୫ ଛାତ୍ରୀଛାତ୍ରଙ୍କୁ ୧୦ ଶିକ୍ଷକ ଏବଂ ମରାଠିଗୁଡା ୟୁପିଏସରେ ୩୨୧ ଛାତ୍ରୀଛାତ୍ରଙ୍କ ନିମନ୍ତେ ୧୫ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟ କରୁଛନ୍ତି। ଜିଲାରେ ଶିକ୍ଷକ ଅଭାବ ଯୋଗୁ ଅନେକ ସ୍କୁଲରେ ପାଠପଢା ବ୍ୟାହତ ହେଉଛି। ଗୁଣପୁର ବ୍ଲକ ଏବଂ ପୌର ପରିଷଦରେ ପିଲା ସଂଖ୍ୟା କମ ଥିବାବେଳେ ଅଧିକ ସଂଖ୍ୟାରେ କିପରି ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତି ପାଇଲେ ସେଥିପାଇଁ ଦାୟୀ କିଏ ତାହା ତଦନ୍ତ ସାପେକ୍ଷ ହୋଇପଡିଛି। ବିଭାଗର ଖାମଖିଆଲ ନୀତି ଯୋଗୁ ଆଜି ଶିକ୍ଷାବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ତେଣୁ ଏଥିପ୍ରତି ଦୃଷ୍ଟି ଦେଇ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ




ମହିଳାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଚନ୍ଦ୍ରପୁର,୬।୮ (ଡି.ଏନ.ଏ)

ଚନ୍ଦ୍ରପୁର ବ୍ଲକ ଡ଼ାଙ୍ଗସୋରଡ଼ା ପଞ୍ଚାୟତର ଇନ୍ଦିରା ନଗରସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟରେ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହୋଇଯାଇଛି। ଚନ୍ଦ୍ରପୁର ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଉକ୍ତ ଶୋଭାଯାତ୍ରା ବିଭିନ୍ନ ସାହି ପରିକ୍ରମା କରି ମା' କ୍ଷୀର ଅମୃତ ସମାନ, ଶିଶୁଟି ପାଇବ ନୂତନ ଜୀବନ କହି ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଇସିଡ଼ିଏସ୍ ର ସୁପରଭାଇଜର ସୁଜାତା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ସ୍ୱାସ୍ଥ୍ୟକର୍ମୀ କଳ୍ପନା ବେହୁରା, ଦ୍ରୋପଦି ହିକ୍‌କା ,ଯାଜ୍ଞସିନୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଲଗାଣ ବର୍ଷାରେ ଘର ଭାଙ୍ଗିଲା

ଗଞ୍ଜାମ,୬।୮ (ଡି.ଏନ.ଏ.)

ଗଞ୍ଜାମ ଅଞ୍ଚଳରେ ଗତ ୨ଦିନ ହେଲା ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି। ହୁମ୍ମା ପଞ୍ଚାୟତ ହୁମ୍ମା ଗ୍ରାମ ଗୋପିନାଥସାହିର ଝୁନୁ ସାହୁ ଏବଂ କେଉଟସାହି ମାମି ପାଳଙ୍କ ଝାଟିମାଟି ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଘର ଭାଙ୍ଗିବା ଘଟଣା ଜାଣିବା ପରେ ତହସିଲଦାର ଅବନୀ କୁମାର ସାହୁ ସ୍ଥାନୀୟ ଆର୍‌ଆଇଙ୍କୁ ଘଟଣାସ୍ଥଳ ପରିଦର୍ଶନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ଆର୍‌ଆଇ ସସ୍ମିତା ବେହେରା, ହୁମ୍ମା ସରପଞ୍ଚ ଚନ୍ଦ୍ରମୋହନ ସାହୁ, ସାମାଜିକକର୍ମୀ ଧ୍ରୁବ ଚରଣ ପଲାଇ ପ୍ରମୁଖ ଭାଙ୍ଗିଥିବା ଘର ବୁଲି ଦେଖିବା ସହ ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏଥିସହିତ କ୍ଷତିଗ୍ରସ୍ତ ପରିବାରକୁ ଜରିପାଲ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଉଭୟ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

■ ଆମ ପୋଲିସ ବୈଠକ

## ଗୁଣିଆ ସନ୍ଦେହରେ ଗାଁରୁ ତଡ଼ିଦେବା ଘଟଣାର ଆପୋସ ସମାଧାନ



ବୈଠକରେ ଉପସ୍ଥିତ ଅତିଥି।

ବିଷମକଟକ,୬।୮

ରାୟଗଡା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ଦୁର୍ଗୀଠାରେ ବିଷମକଟକ ପୋଲିସ ତରଫରୁ ଆମ ପୋଲିସର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଷମକଟକ ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା ଅଧ୍ୟକ୍ଷତା କରିଥିଲେ। ବିଷମକଟକ ଅତିରିକ୍ତ ତହସିଲଦାର ଶୁଭେନ୍ଦୁ କୁମାର ଜେନା, ରାଜ୍ୟ ଯୋଜାନ ବୋର୍ଡ ସଦସ୍ୟ ସୁଧୀର କୁମାର ଦାସ, ଥାନା ଅଧିକାରୀ ଯଶଓ୍ୱନ୍ତ ହିଆଳ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଗୁଣିଆ ସନ୍ଦେହରେ ଜୁନ୍ ୨୮ତାରିଖରେ ବିଷମକଟକ ଥାନା ଅନ୍ତର୍ଗତ ଚେଙ୍ଗିଲି ଗ୍ରାମର ଇନ୍ଦ୍ର ଉଲ୍‌କାଙ୍କ ଘରକୁ ଗାଁ ଲୋକେ ଭାଙ୍ଗିଦେବା ସହ ପରିବାରର ସମସ୍ତ ସଦସ୍ୟଙ୍କୁ ଗାଁରୁ ତଡି ଦେଇଥିଲେ। ସମ୍ପୃକ୍ତ ପରିବାର ଦୁର୍ଗୀ ଗାଁରେ ଆଶ୍ରୟ ନେବା ସହ ବିଷମକଟକ ଥାନାରେ ଏତଲା ଦେଇଥିଲେ। ଏନେଇ ଆମ ପୋଲିସ ବୈଠକରେ ଉକ୍ତ ପରିବାର ଏବଂ ଚେଙ୍ଗିଲି ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା କରାଯାଇ ଆପୋଷ ବୁଝାବଣା କରାଯାଇଥିଲା। ପରେ ଗ୍ରାମବାସୀ ଏବଂ ଇନ୍ଦ୍ରଙ୍କ ପରିବାର ଲୋକଙ୍କୁ ମିଳାମିଶା କରାଇଥିଲେ। ଉଭୟେ ଏହାକୁ ଅନ୍ଧବିଶ୍ୱାସ ବୋଲି ହୃଦୟଙ୍ଗମ କରିଥିଲେ। ଏଥିସହ ବାସନ୍ଦ ହୋଇଥିବା ପରିବାରକୁ ପୁଣି ଗ୍ରାମରେ ରହିବା ପାଇଁ ସୁଯୋଗ ଦେବେ ବୋଲି ଗ୍ରାମବାସୀ ପ୍ରତିଶ୍ରୁତି ଦେଇଥିଲେ।

## ୪୭ କେଜି ଗଞ୍ଜେଇ ଜବତ, ୨ ଯୁବତୀ ଗିରଫ

ରାୟଗଡ଼ା ଅଫିସ୍, ୬।୮



ଗଞ୍ଜେଇ ବ୍ୟାଗ୍ ସହ ଗିରଫ ଦୁଇ ଯୁବତୀ।

ଗଞ୍ଜେଇ ଚୋରା ଚାଲାଣବେଳେ ଦୁଇଜଣ ଯୁବତୀଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ସେମାନେ ହେଲେ ସେମିଳିଗୁଡ଼ାର ଅଜନି ଖୋସଲା ଏବଂ ଲକ୍ଷ୍ମୀ ଖରା। ସେମାନଙ୍କ ନିକଟରୁ ୪୭ କେଜି ଗଞ୍ଜେଇ ଜବତ କରାଯାଇଛି। ମଙ୍ଗଳବାର ଉଭୟେ ସେମିଳିଗୁଡାରୁ ଦୁଇଟି ବ୍ୟାଗରେ ଗଞ୍ଜେଇ ଭର୍ତ୍ତି କରି ରାୟଗଡ଼ା ଆସିଥିଲେ। ରାୟଗଡ଼ାଠାରୁ ଟ୍ରେନ୍ ଯୋଗେ ଝାଡ଼ଖଣ୍ଡ ରାଜ୍ୟର ରାଞ୍ଚିକୁ ଯିବା ପାଇଁ ଷ୍ଟେଶନ ଅଭିମୁଖେ ଯାଉଥିଲେ। ତେବେ ଗଞ୍ଜେଇ ଚାଲାଣ କରାଯାଉଥିବା ନେଇ ଅବକାରୀ ବିଭାଗର ଏକ ଟିମ୍ ଖବରପାଇ ରାୟଗଡ଼ା ଷ୍ଟେଶନ ଛକରେ ପହଞ୍ଚିଥିଲେ। ସେଠାରେ ଅଜନି ଏବଂ ଲକ୍ଷ୍ମୀ ଦୁଇଟି ବ୍ୟାଗ ଧରି ଅପେକ୍ଷା କରିଥିବା ବେଳେ ଅବକାରୀ ବିଭାଗ ସେମାନଙ୍କୁ ଯାଞ୍ଚ କରିଥିଲେ। ସେମାନଙ୍କ ନିକଟରେ ଗଞ୍ଜେଇ ଥିବା ନଜରକୁ ଆସିଥିଲା। ପରେ ଉଭୟଙ୍କୁ ଜିଲା କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବା ପରେ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ଦିଲୀପ କୁମାର ଗୌଡ ପ୍ରକାଶ କରିଛନ୍ତି। ବ୍ୟାଗରେ ଗଞ୍ଜେଇ ଥିବା କଥା ଆମେ ଜାଣିନାହୁଁ। ସେମିଳିଗୁଡାରେ ଜଣେ ବ୍ୟକ୍ତି ଦୁଇଟି ବ୍ୟାଗ ରାଞ୍ଚିରେ ପହଞ୍ଚାଇବା ପାଇଁ ୧୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ ବୋଲି ଗିରଫ ଦୁଇ ଯୁବତୀ ପ୍ରକାଶ କରିଛନ୍ତି।

## କବାଟ ତାଡି ନେଇଗଲେ ପନ୍ଦର ତୋଳା ସୁନା

ଜେ.କେପୁର,୬।୮ (ଡି.ଏନ୍.ଏ.)

ଚାନ୍ଦିଲି ଥାନା ଅନ୍ତର୍ଗତ କୋତାପେଟା ପଞ୍ଚାୟତ ସଦର ମେରକାସାହିର କେ. ଗୋରୀଶଙ୍କର ରାଓଙ୍କ ଘରୁ ଦୁର୍ବୃତ୍ତମାନେ କବାଟ ତାଡ଼ି ୧୫ ତୋଳା ସୁନା ଲୁଟି ନେଇଛନ୍ତି। ଗୌରଶଙ୍କର ପରିବାର ସଦସ୍ୟ ସହ କାଞ୍ଚିପୁରମ୍ ତୀର୍ଥ ପାଇଁ ଯାଇଥିଲେ। ଗତ ୩ ତାରିଖ ରାତିରେ ଫେରି ଘରର କବାଟ ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ପୂଜା ରୁମ୍‌ରେ ଥିବା ଆଲମିରାରୁ ଦୁର୍ବୃତ୍ତମାନେ ୫ ଭରି ଲେଖାଏଁ ଗୋଟିଏ ହାର ଓ ଚେନ୍, ଲକେଟ୍, ଚୁଡି, କଳାମାଳି ଚୋରି କରି ନେଇଥିବା ଥାନାରେ ଏତଲା ଦେଇଥିଲେ। ଚାନ୍ଦିଲି ପୋଲିସ ସାଇଣ୍ଟିଫିକ୍ ଦଳ ଓ ଡଗ୍ ସ୍କାର୍ଡ଼ ସହିତ ପହଞ୍ଚି ତଦନ୍ତ ଚଳାଇଥିଲା। ଚାନ୍ଦିଲି ଥାନାରେ ଏକ ମାମଲା (ନଂ ୧୨୧/୧୯)ରୁଜୁ ହୋଇଥିବା ତଦନ୍ତକାରୀ ଅଫିସର ରାଜେଶ୍ୱର ଶବର ପ୍ରକାଶ କରିଛନ୍ତି।

■ ନିୟମଗିରିରେ ବ୍ୟାପିଲା ଜ୍ୱର

## ସ୍ୱାସ୍ଥ୍ୟ ବିଭାଗ ନିକଟରେ ଖବର ନାହିଁ

ରାୟଗଡ଼ା ଅଫିସ୍, ୬।୮

ରାୟଗଡ଼ା ଜିଲାର ନିୟମଗିରିରେ ୮ ଦିନ ହେବ ଜ୍ୱର ବ୍ୟାପୀବାରେ ଲାଗିଛି। ପାହାଡରେ ରହୁଥିବା ଡଙ୍ଗରିଆମାନେ ପ୍ରବଳ ଜ୍ୱରରେ ଥରୁଛନ୍ତି। ହେଲେ ଏନେଇ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଖବା ନାହିଁ। ପ୍ରତ୍ୟେକ ଗାଁରେ ୬ରୁ ୭ ଜଣ ଲେଖାଏଁ ଜ୍ୱରରେ ପୀଡିତ ଅଛନ୍ତି। କେବଳ ବାରିଆପଡା ଗ୍ରାମରେ ୮ ଜଣ ଜ୍ୱରରେ ପୀଡିତ ଅଛନ୍ତି। ସେମାନେ ହେଲେ ବାସିବି କଞ୍ଜାକା(୪୭), କୁସୁନ କୁମେସିକା(୭୨), ଜାମ୍ବୁ ପିଡିସିକା (୫୯), ଓଉଲା ପିଡିସିକା (୫୨), କଞ୍ଜାକା ଟିସୁ(୪୩)। ସେହିଭଳି କାଡ୍ରାକାବଣ୍ଡଲି, ନିଶିଖାଲ, ତାଡିଝୋଲା ଗ୍ରାମରେ ମଧ୍ୟ ଜ୍ୱର ବ୍ୟାପିଥିବା ଜଣାପଡିଛି। ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଲୋକେ ପାହାଡ ତଳକୁ ଆସି ଚିକିତ୍ସା କରାଇପାରୁ ନାହାନ୍ତି। ଫଳରେ ଏହା ଅତ୍ୟନ୍ତ ଚିନ୍ତାଜନକ ହୋଇଛି। ଗତ ୨୮ ତାରିଖଠାରୁ ନିୟମଗିରି ପାହାଡ ଓ ଏହାର ପାଦଦେଶରେ ଥିବା ଗାଁଗୁଡିକରେ ଜ୍ୱର ବ୍ୟାପିବା ଆରମ୍ଭ ହୋଇଥିଲା। ଜ୍ୱରରେ ପୀଡିତ ହୋଇ ଦେହ ଓ ମୁଣ୍ଡ ପ୍ରବଳ ବ୍ୟଥା ହେବା ସହ ଅତ୍ୟନ୍ତ ଦୁର୍ବଳ ହୋଇଯାଇଥିବା ଡ଼ଙ୍ଗରିଆମାନେ ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଔଷଧ ପ୍ରଦାନ ଓ ଚିକିତ୍ସା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଠାରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ପ୍ରତି ସପ୍ତାହରେ ବୁଲି ଚିକିତ୍ସା କରିବା ବଦଳରେ ମାସ ମାସ ଧରି ଦେଖା ମିଳୁ ନ ଥିବା ଜଣାପଡିଛି। ଫଳରେ କୌଣସି ଉପାୟ ନ ପାଇ ଗ୍ରାମବାସୀ ଗୁଣିଆ ଓ ଦିସାରୀଙ୍କ ଦ୍ୱାରସ୍ଥ ହେଉଛନ୍ତି। ଚେରମୂଳି ଔଷଧ ସେବନ କରିବା ଦ୍ୱାରା କିଛି ଜଣ ଭଲ ହୋଇଥିବା ମଧ କହିଛନ୍ତି। ନିକଟରେ ଜଗନ୍ନାଥପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିଲେ ମଧ୍ୟ କୌଣସି ଡାକ୍ତର ଗ୍ରାମରେ ପହଞ୍ଚି ନାହାନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶକ୍ତିବ୍ରତ ମହାନ୍ତିଙ୍କୁ ପଚାରିବାରୁ, ନିୟମଗିରି ପାହାଡରେ ଜ୍ୱର ବ୍ୟାପିବା ସମ୍ପର୍କରେ ଆମ ନିକଟରେ କୌଣସି ସୂଚନା ନାହିଁ। ବର୍ତ୍ତମାନ ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ଜାଣିବାକୁ ପାଇଲି। ତେଣୁ ତୁରନ୍ତ ଏକ ସ୍ୱାସ୍ଥ୍ୟାସେବା ଟିମ୍ ଉକ୍ତ ଅଞ୍ଚଳକୁ ପଠାଇ ଚିକିତ୍ସା କରାଯିବ ବୋଲି କହିଛନ୍ତି।

## ୨ ନକଲି ଗୁଟ୍‌ଖା କାରଖାନା ଠାବ

- ଗୁଟ୍‌ଖା ନିର୍ମାଣରେ ବ୍ୟବହୃତ ମେଶିନ୍, ସାମଗ୍ରୀ ଜବତ
- ରାଜ୍ୟର ବିଭିନ୍ନ ଅଞ୍ଚଳ ସମେତ ରାଜ୍ୟ ବାହାରକୁ ଚାଲାଣ ହୁଏ ଗୁଟ୍‌ଖା



ଜବତ ହୋଇଥିବା ଗୁଟ୍‌ଖା।

ମୁନିଗୁଡ଼ା,୬।୮ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ପୋଲିସ ମଙ୍ଗଳବାର ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରି ଦୁଇଟି ନକଲି ଗୁଟ୍‌ଖା କାରଖାନା ଠାବ କରିଛି। ଏଥିସହ ଗୁଟ୍‌ଖା ନିର୍ମାଣରେ ବ୍ୟବହାର କରାଯାଉଥିବା ବିଭିନ୍ନ ସାମଗ୍ରୀକୁ ମଧ ଜବତ କରାଯାଇଛି। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୩୦ ଲକ୍ଷ ହେବ। ଏଠାରୁ ଏହି ନକଲି ଗୁଟ୍‌ଖା ରାୟଗଡ଼ା ସମେତ ଏହାର ଆଖପାଖ ଅଞ୍ଚଳ ଓ ରାଜ୍ୟ ବାହରକୁ ମଧ ଚାଲାଣ କରାଯାଇଥାଏ।

ରାୟଗଡା ଏସ୍‌ପି ଶ୍ରବଣ ବିବେକ ଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ମୁନିଗୁଡ଼ା ଥାନା ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା ଦୁଇଟି ଟିମ୍ ଗଠନ କରି ମଙ୍ଗଳବାର ଭୋରରୁ ନକଲି ଗୁଟୁଖା କାରଖାନା ଉପରେ ଚଢାଉ କରିଥିଲେ। ପୋଲିସ ଗୁଟ୍‌ଖା ନିର୍ମାଣରେ ବ୍ୟବହୃତ ହେଉଥିବା ସାମଗ୍ରୀ ଯଥା ମିକ୍ସ ଚୁଇଙ୍ଗ, ଟବାକୋ, କଳାଜିରା, ସେଣ୍ଟଡପତି, ଗୋକୁଳ ଡିଲକ୍ସ ଖୋଳଗୁଆ, ଅପମିଶ୍ରଣ ତେଲ, ମିକ୍ସ୍ଚର ମେଶିନ, ହାଇପାୱାର ଇଲେକ୍ଟ୍ରି ଅଟୋମେଟିକ୍ ମୋଟର ସହ ଆଉ କେତେକ ଦାମୀ ସାମଗ୍ରୀ ଜବତ କରିଛି। ମୁନିଗୁଡ଼ାଠାରୁ ୧୨ କି.ମି. ଦୂର ଟୁରୀଗୁଡା ଓ ଆଙ୍କରବାଲି ଗ୍ରାମରେ ଏହି ନକଲି ଗୁଟ୍‌ଖା କାରଖାନା ୫ମାସ ହେବ ଚାଲିଥିଲା। ଏହି କାରଖାନାର ମାଲିକ ଗୌରିଶଙ୍କର ପତି ବ୍ରହ୍ମପୁର ଅଞ୍ଚଳର ହୋଇଥିବା ବେଳେ ବଳରାମ ଗୌଡ଼ ଓ ମୋହନ ଗୁଡୁମୁକା କାମ କରୁଥିଲେ। ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପୋଲିସ କହିଛି। ଏହି କାରଖାନାରେ ଗୋକୁଳ ଡିଲକ୍ସ ମିକ୍ସ, ଡୁପଲିକେଟ ହରଡାଖଣ୍ଡି ତିଆରି ହେଉଥିଲା। ସେଗୁଡ଼ିକୁ ଏଠାରୁ ଫୁଲବାଣୀ, ବାଲିଗୁଡା, କୋଟଗଡ, ତୁମୁଡିବନ୍ଧ, କଳାହାଣ୍ଡି, ଭବାନୀପାଟନା, ରାୟଗଡ଼ା, ଗୁଣପୁର ସହ ବାହାର ରାଜ୍ୟକୁ ମଧ ଚାଲାଣ ହେଉଥିଲା। ପୋଲିସ ଏକ ମାମଲା( ୯୯/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ନକଲି କାରଖାନା ଚାଲିଥିବା ଘର ମାଲିକ ଦେବରାଜ କାଦମ୍ବାଲୁଙ୍କଠାରୁ ଏନେଇ ଅଧିକ ସୂଚନା ମିଳିପାରେ ବୋଲି ପୋଲିସ କହିଛି। ସୂଚନାନୁଯାୟୀ, ଗତ ସେପ୍ଟେମ୍ବରରେ ମୁନିଗୁଡ଼ା ପୋଲିସ ନକଲି ଗୁଟ୍‌ଖା କାରଖାନା ଠାବ କରି ଏଥିରେ ବ୍ୟବହୃତ ସାମଗ୍ରୀକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ଜାମିନରେ ଆସି ସ୍ଥାନ ପରିବର୍ତ୍ତନ କରି ପୁଣି କାରଖାନା ଚଳାଇଥିବା ପୋଲିସ ଜାଣିବାକୁ ପାଇଥିଲା।